بِسۡمِ اللّٰہِ الرَّحۡمٰنِ الرَّحِیۡمِ   نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ   وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 10

ସମ୍ପାଦକ:
କମ୍ରୁଲ୍ ହକ୍ ଖାନ୍

ସହ ସମ୍ପାଦକ:
ସୟଦ୍ ଅତାଉଲ୍ ୱାହାବ୍

ସାପ୍ତାହିକ
ବଦର
Weekly
BADAR
କାଦିଆନ
Qadian
Odia

ସଂଖ୍ୟା: 35
ବାର୍ଷିକ ଦେୟ : 600/-

04 ରବିଉଲ୍ ଅୱଲ୍ 1447 ହି.କ, 28 ଜହୁର୍ 1404 ହି.ଶ, 28 August 2025 ମସିହା

www.akhbarbadr.in


## ଅଲ୍ଲାଃତାଲାଙ୍କ ବାଣୀ

وَمِنۡہُمۡ مَّنۡ یَّقُوۡلُ رَبَّنَاۤ اٰتِنَا فِی الدُّنۡیَا حَسَنَۃً وَّفِی الۡاٰخِرَۃِ حَسَنَۃً وَّقِنَا عَذَابَ النَّارِ ۝

(ଅଲ୍ ବକ୍ରାହ୍ 202)

ଏବଂ ସେମାନଙ୍କ ମଧ୍ୟରୁ ଅନ୍ୟ କେତେକ କହନ୍ତି, "ହେ ଆମ୍ଭମାନଙ୍କ ପାଳନକର୍ତ୍ତା ! ତୁମ୍ଭେ ଆମ୍ଭମାନଙ୍କୁ ଏହି ପୃଥିବୀରେ ହିଁ ସଫଳତା (ପୁଣ୍ୟ) ପ୍ରଦାନ କର ଏବଂ ପରକାଳରେ ମଧ୍ୟ ସଫଳତା ପ୍ରଦାନ କର (ଅର୍ଥାତ୍ ଏହି କାଳରେ ଆମେମାନେ ଯେଉଁ ପୁଣ୍ୟ କର୍ମ କରିଥିଲୁ ତାହାର ଉତ୍ତମ ପ୍ରତିଫଳ ପରକାଳରେ ପ୍ରଦାନ କର) ଏବଂ ଆମମାନଙ୍କୁ ନର୍କାଗ୍ନି ଶାସ୍ତିରୁ ରକ୍ଷକର ।

## ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ! ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍‌ୱର୍ ଅ.ବ ସକୁଶଳେ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍‌ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍‌ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍‌ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

## ଆଁହଜରତ ସ.ଅଙ୍କ ବାଣୀ

### ତିନିଜଣ ବ୍ୟକ୍ତି ଏପରି ଅଟନ୍ତି ଯେଉଁମାନଙ୍କ ସହିତ ଅଲ୍ଲାଃତାଲା କଥାବାର୍ତ୍ତା କରିବେ ନାହିଁ ।

ହ. ଅବୁ ହୁରୈରାହ୍ ର.ଅ ନିଜ ପିତାଙ୍କ ଠାରୁ ବର୍ଣ୍ଣନା କରନ୍ତି ରସୁଲୁଲ୍ଲାଃ ସ.ଅ କହିଲେ, ତିନିଜଣ ବ୍ୟକ୍ତି ଏପରି ଅଟନ୍ତି ଯେଉଁମାନଙ୍କ ସହିତ ଅଲ୍ଲାଃତାଲା କଥାବାର୍ତ୍ତା ହେବେ ନାହିଁ । ନା ଅଲ୍ଲାଃତାଲା ସେମାନଙ୍କୁ ପବିତ୍ର କରିବେ ଓ ଅଲ୍ଲାଃତାଲା ସେମାନଙ୍କୁ ଅତି ଯନ୍ତ୍ରଣାଦାୟକ ଶାସ୍ତି ଦେବେ । **1-** ଯେଉଁ ବ୍ୟକ୍ତି ପାଖରେ ଆବଶ୍ୟକତା ଠାରୁ ଅଧିକ ଅତିରିକ୍ତ ଜଳ ଥାଏ ଏବଂ ସେହି ବ୍ୟକ୍ତି ଅତିରିକ୍ତ ଜଳକୁ ଯାତ୍ରୀମାନଙ୍କୁ ନଦେଇ ସେମାନଙ୍କୁ ଜଳରୁ ବଞ୍ଚିତ କରିଦିଏ ତେବେ ସେହି ବ୍ୟକ୍ତି ଅଲ୍ଲାଃତାଲାଙ୍କ ଠୁରୁ ଶାସ୍ତି ପାଇବ । **2-** ଯେଉଁ ବ୍ୟକ୍ତି ଅନ୍ୟ କୌଣସି ବ୍ୟକ୍ତି ହସ୍ତରେ (ସାଧୁ କିମ୍ବା ସନ୍ଥଙ୍କ) ବୈଅତ୍ କରେ (ଦୀକ୍ଷା ଗ୍ରହଣ କରେ) । ବୈଅତ୍ ପୁଣି ସାଂସାରିକ ଉଦ୍ଦେଶ୍ୟ ସକାଶେ କଲା । ଉକ୍ତ ସନ୍ଥ ବ୍ୟକ୍ତି ଜଣକ ବୈଅତ୍‌କାରୀ ବ୍ୟକ୍ତି ଠାରୁ ଯାହା ଚାହୁଁଥିଲେ ତାହା ବୈଅତକାରୀ ବ୍ୟକ୍ତି ସନ୍ଥଙ୍କୁ ପ୍ରଦାନ କରିଦେଲା ଏବଂ ତାହାଙ୍କର ବିଶ୍ୱସ୍ତ ହୋଇ ରହିଲା । ଅନ୍ୟଥା ସେହି ବୈଅତ୍‌କାରୀ ବ୍ୟକ୍ତି ଉକ୍ତ ସନ୍ଥଙ୍କର ବିଶ୍ୱସ୍ତ ରହିଲା ନାହିଁ । **3-** ଯେଉଁ ବ୍ୟକ୍ତି ଅସର (ଅପରାହ୍ନ) ସମୟ ପରେ କୌଣସି ବ୍ୟକ୍ତି ସହିତ କିଛି ଜିନିଷ ବା ବସ୍ତୁର ଦର ଦାମ୍ (ମୂଲ୍ୟ) ଧାର୍ଯ୍ୟ କଲା ଏବଂ ଅଲ୍ଲାଃତାଲାଙ୍କ ରାଣ ଖାଇଲା ଯେ, ଏହି ଜିନିଷର ମୋତେ ଏତେ ମୂଲ୍ୟ ମିଳୁଥିଲା । ଯଦି କ୍ରେତା (ଗ୍ରାହକ) ଉକ୍ତ ବିକ୍ରେତା ଠାରୁ ସେହି ଜିନିଷ ସେତିକି ମୂଲ୍ୟରେ କ୍ରୟ କରିନେଲା ତେବେ ଅଲ୍ଲାଃତାଲା ସେହି ବ୍ୟକ୍ତି ସହିତ କଥାବାର୍ତ୍ତା ହେବେ ନାହିଁ ।

**ବ୍ୟାଖ୍ୟା:** ହ. ସୟେଦ୍ ଜୈନୁଲ୍ ଆବିଦିନ୍ ୱଲିଉଲ୍ଲାଃ ଶାହ୍ ସାହେବ ବର୍ଣ୍ଣନା କରନ୍ତି: "ଅସରର ଯେଉଁ ସମୟ ଧାର୍ଯ୍ୟ କରାଯାଇଛି ତାହାର ସଂପର୍କ ସର୍ବାଧିକ ରୂପେ ମନସ୍ତତ୍ତ୍ୱ ସହିତ ରହିଛି । ସେହିପରି ଜୱାଲ୍ ଅର୍ଥାତ୍ ମାଧ୍ୟାହ୍ନ ପରବର୍ତ୍ତୀ ସମୟରେ ମିଥ୍ୟା ଏବଂ ତାହାର କୁପରିଣାମ ସହିତ ଅର୍ଥଗତ ସାମଞ୍ଜସ୍ୟତା ରହିଛି । କାଦିୟାନ୍‌ରେ ଏକ ଚୋରୀ ଦୋଷରେ ଲାଲା ରାମ୍ ଚନ୍ଦ୍ ସାହେବ ପୋଲିସ୍ ଉପନିରୀକ୍ଷକ ଜଣକ ଅଭିଯୁକ୍ତଙ୍କୁ ସମୟ ଦେଲେ ଏବଂ ନାଜିର୍ ଉମୁରେ ଆମ୍ମା ହିସାବରେ ମୋ ଠାରୁ ସାହାଯ୍ୟଭିକ୍ଷା କଲେ । ମୁଁ ନଜାରତ୍ ଉମୁରେ ଆମ୍ମା ମୌଲବୀ ନଜୀର୍ ଅହମଦ ସାହେବଙ୍କୁ କହିଲି, ମହୋଦୟ ! ଆପଣ ରାତି 12.00ରେ ମୋ ବାସ ଭବନରେ ଅଭିଯୁକ୍ତ ତଥା ଆସାମୀମାନଙ୍କୁ ନେଇ ଆସନ୍ତୁ ଏବଂ ଦୟାକରି ସାଙ୍ଗରେ ଅଧିକ ପାୱର ଥିବା ଗୋଟିଏ ବିଦ୍ୟୁତ୍ ବଲ୍‌ବ ମଧ୍ୟ ଉପଲବ୍ଧ କରାଇବେ । ରାତି ପୁରା ଅନ୍ଧକାର ଥିଲା । ବାସ୍ତବରେ ଅଭିଯୁକ୍ତମାନେ ଯେଭଳି ଭାବରେ ନିଜ ଦୋଷକୁ ପ୍ରତ୍ୟାଖ୍ୟାନ କରୁଥିଲେ ସେମାନେ ରାତ୍ରର ଅନ୍ଧକାର ଏବଂ ସହସା ବତୀ ତଥା ଆଲୋକ ଦ୍ୱାରା ଏପରି ଭାବରେ ପ୍ରଭାବିତ ହେଲେ ଯେ, ସେମାନେ ନିଜର ଦୋଷକୁ ସ୍ୱୀକାର କରିନେଲେ ଏବଂ ଚୌର୍ଯ୍ୟ (ଚୋରି କରିଥିବା) ଗହଣା ଗାଠି ଇତ୍ୟାଦି ମଧ୍ୟ ଉପସ୍ଥାପିତ କରିଦେଲେ । ଫଳତଃ ପୋଲିସ୍ ନିରୀକ୍ଷକ ଜଣକ ଅଭିଯୁକ୍ତମାନଙ୍କର ଚାଲାଣ କାଟିଲେ । ଅତଏବ୍ ରାଣ ନିମନ୍ତେ ଅସର୍ ନମାଜ ପରର ଯେଉଁ ବିଶେଷ ମହତ୍ତ୍ୱ ରହିଛି ସେହି ବିଶେଷତା ଉକ୍ତ ତାତ୍ତ୍ୱିକ ରହସ୍ୟ ଉପରେ ହିଁ ଆଧାରିତ ଯେ, ସ୍ଥାନ ଓ କାଳ (ସମୟ)ର ସଂପର୍କ ମନସ୍ତତ୍ତ୍ୱ ରହିଛି।"

☆--☆--☆

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

### ପ୍ରତ୍ୟେ ବସ୍ତୁର ସ୍ୱତ୍ତ୍ୱ ହୋଇଥାଏ । ଅତଏବ୍ ଜୀବନ ଓ ସ୍ୱାସ୍ଥ୍ୟର ସ୍ୱତ୍ତ୍ୱ ଈଶ୍ୱରଙ୍କ କୃପା ଅଟେ ।

**ରମଜାନ୍ ମାସର ରୋଜା (ୱପା) :**

ହୁଜୁର ଅ.ସ କୁହନ୍ତି: "ରମଜାନ୍ ମାସ ହେଉଛି କଲ୍ୟାଣମୟ ମାସ ଏବଂ ଦୁଆର ମାସ । ମୋର ଏହି ଅବସ୍ଥା ରହିଛି ଯେ, ମୁଁ ଯେତେବେଳେ ମୃତ୍ୟୁ ନିକଟବର୍ତ୍ତୀ ହୋଇଯାଏ ସେତେବେ ମୁଁ ରୋଜା ପରିତ୍ୟାଗ କରି ଦେଇଥାଏ (ଛିଡ଼ାଥାଏ) । ମନ ଜମା ରୋଜା ଛାଡ଼ିବାକୁ ହେଉ ନଥାଏ । ଏ (ରମଜାନ୍ ମାସ) ହେଉଛି କଲ୍ୟାଣମୟ ଦିନ ଏବଂ ଅଲ୍ଲାଃତାଲାଙ୍କ କୃପାରୁ ଏହି ଦିନଗୁଡ଼ିକ କୃପାବତୀର୍ଣ୍ଣର ଦିନ ଅଟନ୍ତି ।"

**ସରଳତା:**

ମନେରଖ ! ଯେପର୍ଯ୍ୟନ୍ତ ପିଲାଙ୍କ ପରି ସରଳତା ଅବଲମ୍ବନ କରିନେଇ ନାହିଁ ସେପର୍ଯ୍ୟନ୍ତ ମନୁଷ୍ୟ ଅବତାରତ୍ୱର ଧର୍ମ ତଥା ଅବତାରତ୍ୱଙ୍କ ପନ୍ଥା ଅବଲମ୍ବନ କରିପାରିବ ନାହିଁ ।

**ଜୀବନର ସ୍ୱତ୍ତ୍ୱ:**

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ସ୍ୱାସ୍ଥ୍ୟାବସ୍ଥା ଟିକିଏ ଅସୁସ୍ଥ ଥିଲା । ଅତଏବ୍ ଆପଣ ଅ.ସ କହିଲେ: "ପ୍ରତ୍ୟେକ ବସ୍ତୁର ସ୍ୱତ୍ତ୍ୱ ହୋଇଥାଏ । ତେଣୁ ଜୀବନ ଓ ସ୍ୱାସ୍ଥ୍ୟର ସ୍ୱତ୍ତ୍ୱ ଅଲ୍ଲାଃତାଲାଙ୍କ କୃପା ଅଟେ ।"

ଜଣେ ବ୍ୟକ୍ତି କହିଲା ହୁଜୁର୍ ! ଅମକ ପୁସ୍ତକ ବିକ୍ରେତା ନିକଟକୁ ଦୂର ଦୂରାନ୍ତରୁ ଆପଣଙ୍କ ପୁସ୍ତକର ଚାହିଦା ଆସିଥାଏ । ଅର୍ଥାତ୍ ଦୂରଦୂରନ୍ତରୁ ଲୋକମାନେ ପୁସ୍ତକ କିଣିବା ପାଇଁ ଆସନ୍ତି । ପ୍ରତ୍ୟୁତ୍ତରରେ ଆପଣ ଅ.ସ କହିଲେ: "ଅଲ୍ଲାଃତାଲା ଯେଉଁ ପବନ ପ୍ରବାହିତ କରିଛନ୍ତି । ଲୋକମାନେ ନିଜ ନିଜ ସ୍ଥାନରେ ଗବେଷଣା ଓ ଅନୁସନ୍ଧାନରେ ଲାଗିଛନ୍ତି ।"**(ମଲଫୁଜାତ୍, ଭାଗ-2, ପୃ-83-84, ସଂସ୍କରଣ ବର୍ଷ-2018 ମସିହା)**

☆--☆--☆

### ମନୁଷ୍ୟ ପକ୍ଷେ ଏହା ଉଚିତ୍ କି ସେ ପ୍ରତ୍ୟେକ ପ୍ରକାରର ବାହ୍ୟ କାର୍ଯ୍ୟ (କଥା)ରୁ ବର୍ତ୍ତିବାକୁ ପ୍ରୟାସ କରୁ । ଅନ୍ୟଥା ମନୁଷ୍ୟ ନିଜର ଆଧ୍ୟାତ୍ମିକ ସୃଷ୍ଟିର ପୂର୍ଣ୍ଣତ୍ୱ ସ୍ତର ପର୍ଯ୍ୟନ୍ତ ପହଞ୍ଚି ପାରିବ ନାହିଁ ।

ସୟେଦିନା ହ. ମୁସଲେହ୍ ମଉଦ୍ ର.ଅ ସୁରତୁଲ୍ ମୁମିନୁନ୍‌ର ଆୟତ୍ ସଂଖ୍ୟା 13 ରୁ17 ପର୍ଯ୍ୟନ୍ତ ଆୟତର ବ୍ୟାଖ୍ୟା କରି କୁହନ୍ତି: "ଅଲ୍ଲାଃତାଲା କୁହନ୍ତି ଯେ, ଯେଭଳି ଭାବରେ ଆଧ୍ୟାତ୍ମିକ ସୃଷ୍ଟିର ଏହି 7ଟି ସ୍ତର ରହିଛି ଠିକ୍ ସେହିପରି ଶାରୀରୀକ ସୃଷ୍ଟିର ମଧ୍ୟ ନାନା ସ୍ତର ରହିଛି । **1-** ଆମ୍ଭେ (ଅଲ୍ଲାଃତାଲା) ମନୁଷ୍ୟକୁ ମୃତ୍ତିକାର ସାରାଂଶରୁ ସୃଷ୍ଟି କରିଅଛୁ । ଅର୍ଥାତ୍ ସେହି ଖାଦ୍ୟ ଯାହା (ଖାଦ୍ୟ) ମାଟିରୁ ହିଁ ଉତ୍ପନ୍ନ ହୋଇଥାଏ । ଯେପରି ଗୁଳ୍ମ, ଲତା, ଶସ୍ୟ, ବୃକ୍ଷ, ପ୍ରାଣୀମାନେ, ପାହାଡ଼, ପର୍ବତ ଇତ୍ୟାଦି ରହିଛନ୍ତି । ଠିକ୍ ସେହିପରି ଏହି ଅବସ୍ଥା ଆଧ୍ୟାତ୍ମିକ ଜଗତର ମଧ୍ୟ ରହିଛି। ଯେଉଁ ବସ୍ତୁ ଅର୍ଥାତ୍ ଶାକ ସବଜି ଓ ପନି ପରିବା ଭୂମିରୁ ଉତ୍ପନ୍ନ ହୋଇଥାଏ ସେହି ସବୁ ଭୂମିଜାତ ଦ୍ରବ୍ୟକୁ ପୁରୁଷ ସେବନ କରିବା ଦ୍ୱାରା ପୁରୁଷ ଶରୀରରେ ନୁତ୍‌ଫା (ଶୁକ୍ରାଣୁ) ସୃଷ୍ଟି ହୋଇଥାଏ । ଠିକ୍ ସେହିପରି ଯେପର୍ଯ୍ୟନ୍ତ ମନୁଷ୍ୟ ମଧ୍ୟରେ ବିନୀତତା, ବିନମ୍ରତା, ଅଧମତା ଭଳି ଅବସ୍ଥା ସୃଷ୍ଟି ହୋଇଯାଇ ନାହିଁ ଓ ଯେପର୍ଯ୍ୟନ୍ତ ମନୁଷ୍ୟ ମଧ୍ୟରୁ ଗର୍ବ ଓ ଅହଂକାରର ତତ୍ତ୍ୱ ବାହାରିଯାଇ ନାହିଁ ସେପର୍ଯ୍ୟନ୍ତ ଆଧ୍ୟାତ୍ମିକତାର ବୀଜ ମନୁଷ୍ୟ ମଧ୍ୟରେ କଦାପି ସୃଷ୍ଟି ହୋଇ ପାରିବ ନାହିଁ । ପୁନଶ୍ଚ (ପୁଣି) ମନୁଷ୍ୟ ଯେତେବେଳେ ସେହି ଭୂମିରୁ ଜାତ ଖାଦ୍ୟ ତଥା ଆହାରକୁ ସେବନ କରିଥାଏ ସେତେବେଳେ ଅଲ୍ଲାଃତାଲା ସେହି ଖାଦ୍ୟରୁ ଶୁକ୍ରାଣୁ ସୃଷ୍ଟି କରି ତାହାକୁ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ରଖି ଦେଇଥାଆନ୍ତି। ଏହି **(ଅବଶିଷ୍ଟାଂଶ...ପରବର୍ତ୍ତୀ ପୃଷ୍ଠାରେ)**

## ପୃ-1ରେ ବର୍ଣ୍ଣିତ ତଫସିରର ଅବଶିଷ୍ଟାଂଶ....

ଶୁକ୍ରାଣ **ଶାରୀରୀକ ସୃଷ୍ଟିର ଦ୍ୱିତୀୟ** ସ୍ତର ଅଟେ । ଆଧ୍ୟାତ୍ମିକ ସୃଷ୍ଟିରେ ଏହାର ବିପରୀତରେ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ର ଏହି ଆୟତ୍‌କୁ ରଖିଛନ୍ତି ଯେ, وَالَّذِيْنَ هُمْ لِفُرُوْجِهِمْ حٰفِظُوْنَ କୁ ରଖିଛନ୍ତି। ଉକ୍ତ ଆୟତ୍‌ରେ ଏହା ଦର୍ଶାଇ ଦିଆଯାଇଛି ଯେ, ଯେଉଁଭଳି ଭାବରେ ଶୁକ୍ରାଣୁର ସୁରକ୍ଷା ନିମନ୍ତେ ବିଭିନ୍ନ ପ୍ରକାରର ସତର୍କତା ଅବଲମ୍ବନ କରିବାର ଆବଶ୍ୟକତା ରହିଛି। ଅନ୍ୟଥା ଯଦି ସତର୍କତା ଅବଲମ୍ବନ କରା ନଯାଏ ତେବେ ଶୁକ୍ରାଣୁ ନଷ୍ଟ ବା କ୍ଷୟ ହୋଇଯିବାର ଯଥେଷ୍ଟ ଆଶଙ୍କା ରହିଛି । ସେହିପରି ଆଧ୍ୟାତ୍ମିକ ବୀଜ ମଧ୍ୟ ଉକ୍ତ କଥାକୁ ଅପେକ୍ଷା କରିଥାଏ ଯେ, ମନୁଷ୍ୟ ପକ୍ଷେ ଏହା ଉଚିତ୍ କି ସେ ପ୍ରତ୍ୟେକ ପ୍ରକାରର ବାହ୍ୟ କାର୍ଯ୍ୟରୁ ବର୍ତ୍ତିବାକୁ ପ୍ରୟାସ କରୁ । ଅନ୍ୟଥା ମନୁଷ୍ୟ ତା'ର ଆଧ୍ୟାତ୍ମିକ ସୃଷ୍ଟିର ପୂର୍ଣ୍ଣତ୍ୱ ସ୍ତର ପର୍ଯ୍ୟନ୍ତ ପହଞ୍ଚି ପାରିବ ନାହିଁ ।"

ହୁଜୁରର.ଅ କହିଲେ, ପୁନଶ୍ଚ ଅଲ୍ଲାଃତାଲା **ତୃତୀୟ ସ୍ତର** ସଂପର୍କରେ ଏହା କହିଛନ୍ତି ଯେ, ଆମ୍ଭେ (ଅଲ୍ଲାଃତାଲା) ସେହି ବୀର୍ଯ୍ୟ ବା ଶୁକ୍ରାଣୁ କଣିକାରୁ କ୍ରମଶଃ ଅଭିବୃଦ୍ଧି କରି ଏପରି ଆକୃତି ପ୍ରଦାନ କଲୁ ଯେ, ତାହା ଲାଖି ରହିବା ସ୍ୱଭାବର ଘନୀଭୂତ ଆକୃତି ପରି ହୋଇଗଲା। ଅତଏବ୍ ଏହାର ବିପରୀତ ଆଧ୍ୟାତ୍ମିକ ସ୍ତରରେ ପବିତ୍ର କୁରଆନ୍ କରୀମ୍‌ର ଉକ୍ତ ଆୟତ୍ وَالَّذِيْنَ هُمْ لِلزَّكٰوةِ فٰعِلُوْنَ (ଅର୍ଥାତ୍ ଯେଉଁମାନେ ନିୟମାନୁସାରେ ଜକାତ୍ ଦିଅନ୍ତି)। ଅର୍ଥାତ୍ ବୀର୍ଯ୍ୟ ବା ଶୁକ୍ରାଣୁ ଯେଉଁଭଳି ଭାବରେ ମାଂସ ପିଣ୍ଡୁଳା ହୋଇଯାଇଥାଏ ଏବଂ ଗର୍ଭ ସହିତ ଲାଖି ହୋଇ ରହିଥାଏ । ଠିକ୍ ସେହିପରି ଆଧ୍ୟାତ୍ମିକ ଉନ୍ନତିକାରୀ ବ୍ୟକ୍ତି ଏପରି ସ୍ତର ପର୍ଯ୍ୟନ୍ତ ପହଞ୍ଚି ଯାଇଥାଏ ଯେ, ମାନବ ଜାତିର ଉନ୍ନତି ସାଧନ କରିବା ନିମନ୍ତେ ନିଜର ଧନକୁ ବ୍ୟୟ କରିବାକୁ ଲାଗି ଯାଇଥାଏ

ପୁନଶ୍ଚ **ମନୁଷ୍ୟ ସୃଷ୍ଟିର ଚତୁର୍ଥ ସ୍ତର** ଏହିକି ଯେ, ଗର୍ଭରେ ଏକତ୍ରିତ ହୋଇ ରହିଥିବା ରକ୍ତ କଣିକା ମାଂସ ଆକୃତି ଧାରଣ କରି ନେଇଥାଏ । ଅର୍ଥାତ୍ ରକ୍ତ ପିଣ୍ଡୁଳାରେ ଯେଉଁ ଅଶୁଦ୍ଧି ଏବଂ ଅପବିତ୍ରତା ଦେଖିବାକୁ ମିଳିଥାଏ ତହିଁରୁ ସେ ବର୍ତ୍ତି ଯାଇଥାଏ ।

ଏହାର ବିପରୀତରେ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ର ଏହି ଆୟତ୍ ରଖିଛନ୍ତି ଯେ, وَالَّذِيْنَ هُمْ لِفُرُوْجِهِمْ حٰفِظُوْنَ ଅର୍ଥାତ୍ ଯେଉଁମାନେ (ବିଶ୍ୱାସକାରୀମାନେ) ନିଜର ଗୁପ୍ତାଙ୍ଗଗୁଡ଼ିକୁ ସୁରକ୍ଷିତ ରଖନ୍ତି । ବର୍ତ୍ତମାନ ବିଶ୍ୱାସକାରୀର ଅସ୍ତିତ୍ୱ ଏକ ପୂର୍ଣ୍ଣ ଅସ୍ତିତ୍ୱ ହୋଇ ଯାଇଥାଏ । ଏହି ଅସ୍ତିତ୍ୱ ନିଜକୁ ଅପବିତ୍ରତା ଠାରୁ ଏବଂ ନିଜର ଇଚ୍ଛାଶକ୍ତି ଠାରୁ ମଧ୍ୟ ସୁରକ୍ଷିତ ରଖିଥାଏ ।

ପୁନଶ୍ଚ ମନୁଷ୍ୟ ସୃଷ୍ଟିର **ପଞ୍ଚମ ସ୍ତର** ଏହିକି ଯେ, ସେହି ମାଂସ ପିଣ୍ଡୁଳାକୁ ଆମ୍ଭେ ଅସ୍ଥି (ହାଡ଼) ଆକାରରେ ପରିବର୍ତ୍ତନ କଲୁ (ଅସ୍ଥିର ରୂପେ ପ୍ରଦାନ କଲୁ) । ଅର୍ଥାତ୍ ମାଂସ ପରେ ଶରୀରରେ ହାଡ଼ ତିଆରି ହେବାକୁ ଲାଗିଥାଏ । ଏହାର ବିପରୀତରେ ଅଲ୍ଲାଃତାଲା ଆଧ୍ୟାତ୍ମିକ ସ୍ତର ସଂପର୍କରେ ବର୍ଣ୍ଣନା କରି କୁହନ୍ତି ଯେ, ସେହି ଲୋକମାନେ (ଅର୍ଥାତ୍ ସଂପୂର୍ଣ୍ଣ ବିଶ୍ୱାସକାରୀମାନେ) ଯେଉଁମାନେ ନିଜର ଅମାନତ ଓ ନିଜର ଅଙ୍ଗୀକାରଗୁଡ଼ିକ ପ୍ରତି ସଚେତନ ଥାଆନ୍ତି ଓ ନିୟମାନୁବର୍ତ୍ତୀ ହୋଇଥାଆନ୍ତି । ଅର୍ଥାତ୍ ସେହି ବିଶ୍ୱାସକାରୀମାନଙ୍କ ମଧ୍ୟରେ ଏପରି ଆଧ୍ୟାତ୍ମିକ ମନୋଯୋଗ ସୃଷ୍ଟି ହୋଇଯାଇଥାଏ ଯେ, ସେମାନଙ୍କ ନିକଟରେ କୌଣସି ଶତ୍ରୁ ଅମାନତ୍ ରଖା ଯାଆନ୍ତୁ ଅବା କୌଣସି ବିରୋଧୀ ଜାତି ଏବଂ ବିରୋଧୀ ଧର୍ମାବଲମ୍ବୀ ସେହି ପୂର୍ଣ୍ଣ ବିଶ୍ୱାସକାରୀଙ୍କ ସହିତ ଚୁକ୍ତି କରନ୍ତୁ ପଛେ। କିନ୍ତୁ ସେହି ପୂର୍ଣ୍ଣ ବିଶ୍ୱାସକାରୀମାନେ ଅଙ୍ଗୀକାରର ନିୟମାନୁବର୍ତ୍ତୀ ହୋଇଥାଆନ୍ତି । କୌଣସି ପ୍ରକାରର ଲୋଭ କିମ୍ବା ଦୁର୍ବଳତା ସୃଷ୍ଟି ସେହି ବିଶ୍ୱାସକାରୀମାନଙ୍କ ମଧ୍ୟରେ ସୃଷ୍ଟି ହୋଇ ନଥାଏ । ଅତଏବ୍ ପ୍ରତ୍ୟେକ ବ୍ୟକ୍ତି ଜାଣିଥାଏ ଯେ, ସେହି ସୁଯୋଗ ଆଉ କେବେ ଆସିବ ନାହିଁ । ବରଂ ସେହି ବିଶ୍ୱାସକାରୀମାନେ ନିଜ ବଚନ ରକ୍ଷକ ଅଟନ୍ତି ଓ ପ୍ରତିଜ୍ଞାବଦ୍ଧ ଥାଆନ୍ତି ।

**ଶାରୀରୀକ ସୃଷ୍ଟିର ଷଷ୍ଠତମ ସ୍ତର** ଏହିକି ଯେ, ଅଲ୍ଲାଃତାଲା ସେହି ଅସ୍ଥି ଅର୍ଥାତ୍ ହାଡ଼ ଉପରେ ମାଂସ ଆଚ୍ଛାଦିତ କରି ଦେଇଥାଆନ୍ତି । ଏହାର ବିପରୀତରେ ଏହି ଆଧ୍ୟାତ୍ମିକ ସ୍ତର ବର୍ଣ୍ଣନା କରିଛନ୍ତି ଯେ, ସେହି ବିଶ୍ୱାସକାରୀମାନେ ନିଜ ନିଜ ଜାତିର ନମାଜର ସୁରକ୍ଷା କରିଥାଆନ୍ତି । ଅର୍ଥାତ୍ ହାଡ଼ ଉପରେ ମାଂସ ଆଚ୍ଛାଦିତ ହୋଇଯିବା ପରେ ଶିଶୁ ଅନେକାଂଶରେ ଅବକ୍ଷୟରୁ ସୁରକ୍ଷିତ ହୋଇଯାଇଥାଏ । ଠିକ୍ ସେହିପରି ସେହି ଲୋକମାନେ ଯେଉଁମାନେ ନିଜ ଜାତିରେ ଅଲ୍ଲାଃତାଲାଙ୍କ ଉପାସନାକୁ ଅବ୍ୟାହତ ଓ ଅକ୍ଷୁର୍ଣ୍ଣ ରଖନ୍ତି ସେମାନେ କେବଳ ବାହ୍ୟ ପ୍ରଭାବରୁ ସେହିପରି ସୁରକ୍ଷିତ ହୋଇଥାଆନ୍ତି ଯେପରି ମାଂସ ଦ୍ୱାରା ଆଚ୍ଛାଦିତ ମଣିଷ ବାହ୍ୟ ପ୍ରଭାବରୁ ସୁରକ୍ଷିତ ହୋଇ ଯାଇଥାଏ ।

**ମନୁଷ୍ୟର ଶାରୀରୀକ ସୃଷ୍ଟିର ଶେଷ ତଥା ସପ୍ତମ ସ୍ତର** ଏହିକି ଯେ, ସେହି ଅସ୍ଥି (ହାଡ଼) ଗୁଡ଼ିକ ଉପରେ ଅଲ୍ଲାଃତାଲା ଯେତେବେଳେ ମାଂସ ଆଚ୍ଛାଦିତ କରି ଦିଅନ୍ତି ତା' ପରେ ସେ ସେହି ଆଡ଼କୁ ଅନ୍ୟ ଏକ ଆକୃତିରେ ପରିବର୍ତ୍ତନ କରିଦିଅନ୍ତି । ଅର୍ଥାତ୍ ମନୁଷ୍ୟର ଆକୃତିକୁ ପୂର୍ଣ୍ଣ ରୂପ ପ୍ରଦାନ କରି ଦିଅନ୍ତି । ଏହାପରେ ସେହି ଗର୍ଭସ୍ଥ ଶିଶୁ ଜନ୍ମଲାଭ କରି ମନୁଷ୍ୟ ହୋଇ ଯାଇଥାଏ । ଏହାର ବିପରୀତରେ ଆଧ୍ୟାତ୍ମିକ ପୂର୍ଣ୍ଣତ୍ୱ ଏବଂ ଆଧ୍ୟାତ୍ମିକ ଉନ୍ନତିର ଏହି ସ୍ତର ବର୍ଣ୍ଣନା କରିଛନ୍ତି ଯେ, ସେହି ପୂର୍ଣ୍ଣ ବିଶ୍ୱାସକାରୀମାନେ ପୁରସ୍କାର ଅର୍ଥାତ୍ ଫିରଦୌସ୍ ନାମକ ବୈକୁଣ୍ଠର ଉତ୍ତରାଧିକାରୀ ହେବେ । ଅର୍ଥାତ୍ ମୃତ୍ୟୁବରଣ ପରେ ସେମାନେ ସେହି ପୁରସ୍କାରର ଉତ୍ତରାଧିକାରୀ ହୋଇଥାଆନ୍ତି ଯେଉଁ ପୁରସ୍କାର ସମସ୍ତ ପୁରସ୍କାରର ସମାହାର ଅଟେ ।

ଅର୍ଥାତ୍ ଯେପରି ଶାରୀରୀକ ଅବସ୍ଥାରେ ମନୁଷ୍ୟ ସମସ୍ତ ଜୀବଜନ୍ତୁମାନଙ୍କ ପୂର୍ଣ୍ଣତ୍ୱ ଗୁଣର ସମାହାର ଅଟେ। ଠିକ୍ ସେହିପରି ଆଧ୍ୟାତ୍ମିକ ରୂପେ ମନୁଷ୍ୟ ମୃତ୍ୟୁବରଣ କରି ସମସ୍ତ ପ୍ରକାରର ପୁରସ୍କାରର ସମାହାରକୁ ପ୍ରାପ୍ତ କରି ନେଇଥାଆନ୍ତି । ଯେପରି ବସ୍ତୁବାଦୀ ମନୁଷ୍ୟ ନିଜର ଓ ନିଜ ଜାତିର ସୁରକ୍ଷା କରିବାକୁ ସକ୍ଷମ ହୋଇ ଯାଇଥାଏ। ଠିକ୍ ସେହିପରି ମନୁଷ୍ୟର ଆଧ୍ୟାତ୍ମିକ ସୁରକ୍ଷା ଦାୟିତ୍ୱ ଅଲ୍ଲାଃତାଲା ସ୍ୱୟଂ ବହନ କରି ନେଇଥାଆନ୍ତି । **(ତଫସିର୍ କବିର୍, ଭାଗ-6, ପୃ-138-139, ପ୍ରକାଶନ ସ୍ଥାନ-କାଦିୟାନ୍, 2010 ମସିହା)**

☆☆☆

## ବିଗତ ସଂଖ୍ୟା-34, ପୃ-11ରେ ବର୍ଣ୍ଣିତ ଖୁତ୍‌ବା 30 MAY 2025 ଜୁମାର ଅବଶିଷ୍ଟାଂଶ....

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଶୋକ ସନ୍ତପ୍ତ ପରିବାରବର୍ଗ ମଧ୍ୟରେ ପତ୍ନୀ, ତିନୋଟି ପୁତ୍ର ସନ୍ତାନ ଓ ପୌତ୍ର ପୋତ୍ରୀମାନେ ସାମିଲ୍ ଅଟନ୍ତି । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ସ୍ୱର୍ଗତଙ୍କ ସ୍ତରକୁ ଉନ୍ନୀତ କରନ୍ତୁ । **ଆମିନ୍** ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଦ୍ୱିତୀୟ ଯେଉଁ ଯନାଜାଃର ଚର୍ଚ୍ଚା ହେବ ସେହି ଯନାଜାଃ ହେଉଛି ଶ୍ରୀମତି ସ୍ୱର୍ଗତା ସଲିମା ଜାହିଦ୍ ସାହେବାଙ୍କର । ଆପଣ କାନାଡ଼ାର ମୁବଲ୍ଲିଗ୍ ସିଲ୍‌ସିଲା ଶ୍ରୀଯୁକ୍ତ ସମିଉଲ୍ଲାଃ ଜାହିଦ୍ ସାହେବଙ୍କର ପତ୍ନି ଥିଲେ । ବିଗତ ଦିନରେ ସ୍ୱର୍ଗତାଙ୍କର ବିୟୋଗ ହୋଇଯାଇଛି । اِنَّا لِلّٰهِ وَاِنَّا اِلَيْهِ رَاجِعُوْنَ ।

ସ୍ୱର୍ଗତା ସଲିମା ସାହେବା ଓସିୟତ୍ କରିଥିଲେ । ଶୋକ ସନ୍ତପ୍ତ ପରିବାରବର୍ଗଙ୍କ ମଧ୍ୟରେ ସ୍ୱାମୀଙ୍କ ବ୍ୟତୀତ ଗୋଟିଏ କନ୍ୟା ସନ୍ତାନ, ତିନୋଟି ପୁତ୍ର ସନ୍ତାନ ଅଛନ୍ତି। ସ୍ୱର୍ଗତାଙ୍କ ପୁତ୍ର ଅତାଉଲ୍ ମୋମିନ୍ ଜାହିଦ୍ ସାହେବ ମୁବଲ୍ଲିଗ୍ ସିଲ୍‌ସିଲା ଅଟନ୍ତି ଏବଂ ଯାମିୟା ଅହମଦିୟା ୟୁ.କେର ଅଧ୍ୟାପକ ଅଟନ୍ତି ।

ମୋମିନ୍ ଜାହିଦ୍ ସାହେବଙ୍କର ପିତାଶ୍ରୀ ଉଲ୍ଲେଖ କରିଛନ୍ତି ଯେ, ମୋମିନ ସାହେବଙ୍କର ମାତାଶ୍ରୀ ସଲିମା ସାହେବାଙ୍କ ମାତା ଅର୍ଥାତ୍ ଆଈ ମା 60, 70 ଜଣ ପିଲାମାନଙ୍କୁ ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷା ପ୍ରଦାନ କରୁଥିଲେ ଏବଂ ଆଈ ମାଙ୍କ ବିୟୋଗ ପରେ ମୋମିନ୍ ଜାହିଦ୍ ସାହେବଙ୍କର ମାତାଶ୍ରୀ ସ୍ୱର୍ଗତା ସଲିମା ସାହେବ ଉକ୍ତ ପୁଣ୍ୟ କାର୍ଯ୍ୟକୁ ଜାରି ରଖିଲେ ଏବଂ ପିଲାମାନଙ୍କୁ ଶିକ୍ଷାଦାନ କରୁଥିଲେ ।

କେବଳ ସେତିକି ନୁହେଁ ବରଂ ଏହଲେ ହଦିସ୍ ଏବଂ ଏହଲେ ସୁନ୍ନତ୍‌ର ଲୋକମାନେ ଏହାର ଖୋଲମଖୋଲା ସ୍ୱୀକାରୋକ୍ତି ପ୍ରକାଶ କରିଥିଲେ ଯେ, ସ୍ୱର୍ଗତା ସଲିମା ସାହେବା ଆମମାନଙ୍କର ସନ୍ତାନମାନଙ୍କୁ ପବିତ୍ର କୁରଆନ୍ କରୀମ୍ ପାଠ କରାଇଥିଲେ ।

ସ୍ୱର୍ଗତାଙ୍କ ସୁପୁତ୍ର ଅତାଉଲ୍ ମୋମିନ୍ ଜାହିଦ୍ ସାହେବ ଉଲ୍ଲେଖ କରନ୍ତି ଯେ, ମାତାଶ୍ରୀ ପୁଣ୍ୟବାନ୍, ସଦାଚାରୀଣୀ, ସରଳ ସ୍ୱଭାବ, ବିଶ୍ୱସ୍ତା ଓ ନୈଷ୍ଠିକା ସେବିକା ମହିଳାଟିଏ ଥିଲେ । ମାତାଶ୍ରୀ ସର୍ବଦା ଅନ୍ୟମାନଙ୍କର ସେବା କରୁଥିଲେ । ଅଭାବିମାନଙ୍କୁ ନିଜର ଉପରେ ଅଗ୍ରାଧିକାର ପ୍ରଦାନ କରୁଥିଲେ ।

ତାଙ୍କର ସୁପୁତ୍ର ଅତାଉଲ୍ ମୋମିନ୍ ଜାହିଦ୍ ସାହେବ କୁହନ୍ତି ଯେ, ଅଭାବ ପରିସ୍ଥିତିରେ ମଧ୍ୟ ନିଜର ବ୍ୟକ୍ତିଗତ ଖର୍ଚ୍ଚ କରିବା ପରିବର୍ତ୍ତେ ଅଭାବିମାନଙ୍କୁ ସାହାଯ୍ୟ କରିବାକୁ ଗୁରୁତ୍ୱ ଦେଉଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲା ସ୍ୱର୍ଗତାଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ସ୍ୱର୍ଗତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । **ଆମିନ୍** ।

☆--☆--☆

## 130 ତମ ଜଲ୍‌ସା ସାଲାନା କାଦିୟାନ୍, ତା-26, 27, 28, ଡିସେମ୍ବର, 2025 ମସିହାରେ ଆୟୋଜିତ ହେବ

ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ 130 ତମ ଜଲ୍‌ସା ସାଲାନା କାଦିୟାନ୍ 2025 ମସିହା ନିମନ୍ତେ ତା-26, 27, 28 ଡିସେମ୍ବର 2025 ମସିହା (ବାର-ଶୁକ୍ରବାର, ଶନିବାର ଓ ରବିବାର) ପାଇଁ ତାରିଖ ଓ ବାର ମଞ୍ଜୁର (ଅନୁମୋଦନ) କରିଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ଏବେଠାରୁ ହିଁ ଦୁଆର ସହିତ ଉକ୍ତ କଲ୍ୟାଣମୂଳକ ଜଲ୍‌ସାରେ ସାମିଲ୍ ହେବାର ଉଦ୍ଦେଶ୍ୟ ନେଇ ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଉକ୍ତ ଐଶୀଭିତ୍ତିକ ଆଧ୍ୟାତ୍ମିକ ଜଲ୍‌ସାରେ ଅଧିକରୁ ଅଧିକ ଲୋକମାନଙ୍କୁ ଅଂଶ ଗ୍ରହଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଯଦ୍ଦ୍ୱାରାକି ଲୋକମାନେ ଉକ୍ତ ଜଲ୍‌ସାରୁ ଉପକୃତ ହୋଇପାରିବେ । ସେହିପରି ହ. ମସିହ୍ ମଉଦ୍ ଅ.ସ ଜଲ୍‌ସାରେ ସାମିଲ୍ ହୋଇଥିବା ଅଂଶଗ୍ରହଣକାରୀଙ୍କ ସପକ୍ଷରେ ଯେଉଁ ଦୁଆ କରିଛନ୍ତି ଅଲ୍ଲାଃତାଲା ସେହି ସମସ୍ତ ଦୁଆକୁ ସ୍ୱୀକାର କରି ଲୋକମାନଙ୍କୁ ଆପଣ ଅ.ସଙ୍କ ଦୁଆର ପ୍ରକୃତ ଅଧିକାରୀ କରନ୍ତୁ । **ଆମିନ୍** । ସେହିପରି ଉକ୍ତ ଜଲ୍‌ସା ସାଲାନା ପ୍ରତ୍ୟେକ ଦୃଷ୍ଟିରୁ ସାଫଲ୍ୟମଣ୍ଡିତ ଏବଂ କଲ୍ୟାଣମୟ ହେବା ନିମନ୍ତେ ଓ ପୁଣ୍ୟାତ୍ମାମାନଙ୍କ ମାର୍ଗଦର୍ଶନର କାରଣ ହେବା ନିମନ୍ତେ ଦୁଆ ଜାରି ରଖନ୍ତୁ । ଯଜାକୁମୁଲ୍ଲାଃହୁ ତାଆଲା ଓ ଅହସନଲ୍ ଯଜା । ଅଲ୍ଲାଃତାଲା ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ଆମିନ୍ । **(ନାଜିର୍ ଇସ୍‌ଲାହ୍ ଓ ଇର୍ଶାଦ୍ ମର୍କଜିୟାହ୍ କାଦିୟାନ୍)**

(ଖୁତ୍‌ବା ଜୁମା)

ନବୀ କରୀମ୍ ସ.ଅଙ୍କ ମର୍ଯ୍ୟଦା ହେଉଛି ସର୍ବୋଚ୍ଚ । ଆଁହଜରତ ସ.ଅ ସୀମା ନିର୍ଦ୍ଧାରଣ (ପାପ ଓ ପୁଣ୍ୟର ନିର୍ଦ୍ଧାରଣ) ସ୍ଥାପନ କରିବା ନିମନ୍ତେ ଶକ୍ତ ଚଟ୍ଟାଣ ପରି ଛିଡ଼ା ହୋଇଥିଲେ । ଆପଣ ସ.ଅ କାହାରିକୁ ଭ୍ରୂକ୍ଷେପ କରୁ ନଥିଲେ । କିନ୍ତୁ ଦୟା ଓ କ୍ଷମା ସମୟରେ ଆପଣ ସ.ଅ ରେଶମ ପରି ଅତି କୋମଳ ହୋଇ ଯାଉଥିଲେ । ଆପଣ ସ.ଅଙ୍କୁ କୌଣସି ପ୍ରକାରର କ୍ଷୋଭ, ଦୁଃଖ ଏବଂ ଅସୁବିଧା ହେଉ ନଥିଲା ।

— — — — — — — — — — — — — — — — — — — — —

ଆପଣ ସ.ଅଙ୍କ ଉକ୍ତ କଥା । ଅତ୍ୟନ୍ତ ପ୍ରଶଂସାଯୋଗ୍ୟ ଯେ, ଯେଉଁ ଅବସରରରେ ଅତୀତର ମକ୍କା ବାସୀନ୍ଦାମାନଙ୍କର ଅତ୍ୟାଚାରର ସ୍ମୃତି ଆପଣ ସ.ଅଙ୍କୁ ପ୍ରତିଶୋଧ ନେବା ନିମନ୍ତେ ପ୍ରବର୍ତ୍ତାଉଥିଲା ସେତେବେଳେ ଆପଣ ସ.ଅ ନିଜର ସୈନ୍ୟବାହିନୀକୁ କୌଣସି ପ୍ରକାରର ରକ୍ତପାତ କରିବାକୁ ବାରଣ କରିଥିଲେ ଏବଂ ଆପଣ ସ.ଅ ବିନୀତତା, ଈଶ୍ୱରଙ୍କ କୃତଜ୍ଞତାର ଯଥାସମ୍ଭବ ପରିପ୍ରକାଶ କଲେ । (ଆର୍ଥର୍ ଗୁଲ୍‌ମେ)

— — — — — — — — — — — — — — — — — — — — —

ମକ୍କା ବିଜୟ ମାଧ୍ୟମରେ ଆଁହଜରତ ସ.ଅ ସତ୍ୟାବତାର ହେବାର ଯେଉଁ ଦାବି ରହିଥିଲା ସେହି ଅବତାରତ୍ୱର ଦାବିକୁ ଆପଣ ସ.ଅ ସିଦ୍ଧ କରିଦେଲେ । ଏହି ବିଜୟ ବିନା କୌଣସି ରକ୍ତପାତରେ ପ୍ରାପ୍ତ ହୋଇଥିଲା ଏବଂ ମୁହମ୍ମଦ ସ.ଅଙ୍କ ଶାନ୍ତିପୂର୍ଣ୍ଣ ନୀତି ସଫଳ ସାବ୍ୟସ୍ତ ହୋଇଥିଲା । କିଛି ବର୍ଷ ମଧ୍ୟରେ ହିଁ ମକ୍କାରେ ପିତୁଳା (ମୂର୍ତ୍ତି) ପୂଜାର ଅନ୍ତ ଘଟିଲା । ଇକ୍ରମା ଏବଂ ସୁହେଲ୍ ପରି କ୍ରୁର ବିରୋଧୀମାନେ ନୈଷ୍ଠିକ ଏବଂ ଉତ୍ସାହରେ ପରିପୂର୍ଣ୍ଣ ହୋଇ ମୁସଲମାନ ହୋଇଗଲେ। (କେର୍ଣ୍ଣ ଆର୍ମଷ୍ଟ୍ରଙ୍ଗ୍)

— — — — — — — — — — — — — — — — — — — — —

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆସନ୍ତା ଶୁକ୍ରବାର ଠାରୁ ଇନ୍‌ଶାଅଲ୍ଲାଃ ଜମାଅତ୍ ଅହମଦିୟା ବ୍ରିଟେନ୍‌ର ଜଲସା ସାଲାନା ମଧ୍ୟ ଆରମ୍ଭ ହେଉଛି । ତେଣୁ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ଏଥି ନିମନ୍ତେ ଦୁଆ କରନ୍ତୁ । ଅଲ୍ଲାଃତାଲା ନିଜର କୃପା ମାଧ୍ୟମରେ ଉକ୍ତ ଜଲସାକୁ କଲ୍ୟାଣମୟ କରନ୍ତୁ, ପ୍ରତ୍ୟେକ କାର୍ଯ୍ୟକ୍ରମରେ ନିଜର କୃପାବତୀର୍ଣ୍ଣ କରନ୍ତୁ ଏବଂ ପ୍ରତ୍ୟେକ କାର୍ଯ୍ୟକ୍ରମ ତଥା ଅଧିବେଶନରେ ନିଜର କୃପା ଦ୍ୱାରା ଲୋକମାନଙ୍କୁ ପୁରସ୍କୃତ ଓ ସମ୍ମାନିତ କରନ୍ତୁ । ଆମିନ୍ ।

— — — — — — — — — — — — — — — — — — — — —

ମକ୍କା ବିଜୟ ଓ ଯୁଦ୍ଧର ପୃଷ୍ଠଭୂମିରେ ଆଁହଜରତ ସ.ଅଙ୍କ ପବିତ୍ର ଜୀବନୀ ଚର୍ଚ୍ଚା ।

— — — — — — — — — — — — — — — — — — — — —

**18 July 2025 ମସିହା ଅନୁଯାୟୀ ୧୮ ୱଫା ୧୪୦୪ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି।

أَشْهَدُ أَنْ لَّا إِلٰهَ اِلَّا اللهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ و رَسُوْلُهٗ۔ أَمَّا بَعْدُ فَأَعُوْذُ بِاللهِ مِنَ الشَّيْطٰنِ الرَّجِيْمِ۔ بِسْمِ اللهِ الرَّحْمٰنِ الرَّحِيْمِ۔ اَلْحَمْدُلِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَاَ الصِّرَاطَ الْمُسْتَقِيْمَ۔صِرَاطَ الَّذِيْنَ اَنْعَمْتَ عَلَيْهِمْ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ, ଗତ ଖୁତ୍‌ବାରେ ମକ୍କା ବିଜୟ ସଂପର୍କରେ ମକ୍କାରେ ପ୍ରବେଶ କରିବା ପରିସ୍ଥିତି ସଂକ୍ରାନ୍ତରେ ଚର୍ଚ୍ଚା ଚାଲିଥିଲା । ସେହି କ୍ରମରେ ଆଜି ମଧ୍ୟ ମକ୍କା ବିଜୟର ଅତିରିକ୍ତ ଘଟଣାବଳୀର ବିବରଣୀ ବର୍ଣ୍ଣନା କରିବି ।

ଆଁହଜରତ ସ.ଅଙ୍କ ମକ୍କାରେ ଅବସ୍ଥାନ କାଳ ସଂପର୍କରେ ବିବରଣୀମାନଙ୍କରେ ଏହିପରି ଉଲ୍ଲେଖ ରହିଛି ଯେ, ରସୁଲୁଲ୍ଲାଃ ସ.ଅଙ୍କ ମକ୍କା ଆଗମନ ଏବଂ ମକ୍କା ବିଜୟ ପରେ ମକ୍କାରେ କିଛି ଦିନ କାଳ ଅବସ୍ଥାନ କରିଥିଲେ । କିନ୍ତୁ ଅବସ୍ଥାନ କାଳ ସଂପର୍କରେ ମତଭେଦ ରହିଛି । ବୁଖାରୀରେ ହ. ଇବ୍‌ନେ ଅବ୍ବାସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ ମକ୍କାରେ 19 ଦିନ କାଳ ଅବସ୍ଥାନ କରିଥିଲେ । ଆପଣ ସେଠାରେ ଦୁଇ ରକାତ୍ ନମାଜ୍ ପାଠ କରୁଥିଲେ ଅର୍ଥାତ୍ କସର୍ କରୁଥିଲେ । ଅନ୍ୟ କେତେକ ବର୍ଣ୍ଣନାମାନଙ୍କରେ 18 ଦିନ କିମ୍ବା 17 ଦିନ ଅବସ୍ଥାନ ଓ 15 ଦିନ ଅବସ୍ଥାନ କରିବାର ମଧ୍ୟ ଚର୍ଚ୍ଚା ରହିଛି ।

ଅଲ୍ଲାମା ଇବ୍‌ନେ ହଜର୍ 19 ଦିନର ବର୍ଣ୍ଣନାକୁ ପ୍ରାଧାନ୍ୟ ଦେଇଛନ୍ତି । କାରଣ ଅନେକ ବର୍ଣ୍ଣନାମାନଙ୍କରେ 19 ଦିନର ଚର୍ଚ୍ଚା ରହିଛି ଓ ଅନ୍ୟ ବର୍ଣ୍ଣନାଗୁଡ଼ିକୁ ଏହିପରି ଭାବରେ ଏକତ୍ରିତ କରାଯାଇଛି ଯେ, 19 ଦିନର ବର୍ଣ୍ଣନାରେ ମକ୍କାରେ ପ୍ରବେଶ କରିବା ଏବଂ ପ୍ରସ୍ଥାନ କରିବାର ଦିନ ମଧ୍ୟ ଅନ୍ତର୍ଭୁକ୍ତ ରହିଛି । ଯେଉଁ ବର୍ଣ୍ଣନାକାରୀମାନେ 17 ଦିନ ଅବସ୍ଥାନ ସମୟ ବୋଲି ବର୍ଣ୍ଣନା କରିଛନ୍ତି ସେମାନେ ଯିବା ଆସିବା ଦିନକୁ ତହିଁରେ ସାମିଲ୍ କରି ନାହାନ୍ତି । ଯେଉଁ ବର୍ଣ୍ଣନାକାରୀମାନେ 18 ଦିନ ଅବସ୍ଥାନ କାଳ ବର୍ଣ୍ଣନା କରିଛନ୍ତି ସେମାନେ ଏହି ଦିନମାନଙ୍କର ଗୋଟିଏ ଦିନକୁ ଗଣ୍ୟ କରିଛନ୍ତି । ଅପରପକ୍ଷେ 15 ଦିନର ବର୍ଣ୍ଣନାର ବର୍ଣ୍ଣନାକାରୀମାନେ 17 ଦିନର ଅବସ୍ଥାନ କାଳ ବର୍ଣ୍ଣନାକୁ ଧ୍ୟାନରେ ରଖି ଉଲ୍ଲେଖ କରିଛନ୍ତି ଯେ, ଏହି ବାସ୍ତବତା ରହିଛି । ପୁନଶ୍ଚ ତହିଁରେ ଅର୍ଥାତ୍ ବର୍ଣ୍ଣନାରେ ମକ୍କା ପ୍ରବେଶ ଓ ପ୍ରସ୍ଥାନର ଦିନକୁ କାଢ଼ି (ଛାଡ଼ି) ଦିଆଗଲେ 15 ଦିନର ଚର୍ଚ୍ଚା କରିଛନ୍ତି । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-5, ପୃ-261, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍) (ଫତହୁଲ୍ ବାରି, ଭାଗ-2, ପୃ-715, କଦିମି କୁତୁବ୍ ଖାନା, କରାଚୀ)**

କେତେକ ପ୍ରାଚ୍ୟତତ୍ତ୍ୱବିତ୍‌ମାନେ ମଧ୍ୟ ଆଁହଜରତ୍ ସ.ଅଙ୍କ ମକ୍କା ବିଜୟ ସମ୍ପର୍କରେ ନିଜର ପୁସ୍ତକମାନଙ୍କରେ ଉଲ୍ଲେଖ କରିଛନ୍ତି । ତନ୍ମଧ୍ୟରୁ ଉଇଲିୟମ୍ ମିଓର୍ ସାହେବ ନାମକ ଜନୈକ ବିଖ୍ୟାତ ପ୍ରାଚ୍ୟତତ୍ତ୍ୱବିତ୍ ଅନ୍ୟତମ ଅଟନ୍ତି । ଏହି ପ୍ରାଚ୍ୟତତ୍ତ୍ୱବିତ୍ ଜଣକ ସ୍କଟଲ୍ୟାଣ୍ଡର ଅଧିବାସୀ ଥିଲେ । ମକ୍କା ବିଜୟର ଚର୍ଚ୍ଚା କରି ଏହି ମହୋଦୟ ଜଣକ ନିଜର ପୁସ୍ତକ "The Life of Muhammad"ରେ ରସୁଲୁଲ୍ଲାଃ ସ.ଅଙ୍କ ଉତ୍ତମ ଆଦର୍ଶ ପ୍ରସଙ୍ଗ ସଂପର୍କରେ ଚର୍ଚ୍ଚା କରି ଉଲ୍ଲେଖ କରିଛନ୍ତି ଯେ, "ମୁହମ୍ମଦ ସ.ଅଙ୍କ ଅତୀତର ସମସ୍ତ ପୁରାତନ ଦୋଷକୁ କ୍ଷମା କରିବା ଅର୍ଥାତ୍ ଲୋକମାନଙ୍କର ସମସ୍ତ ଦୋଷକୁ କ୍ଷମା କରିଦେବା ଓ ସେମାନଙ୍କର ସମସ୍ତ ଛୋଟ ବଡ଼ ସମସ୍ୟା ତଥା କଷ୍ଟକୁ ପାସୋରି ଦେବା ବାସ୍ତବରେ ଆପଣ ସ.ଅଙ୍କ ବ୍ୟକ୍ତିଗତ ସ୍ୱାର୍ଥ ନିମନ୍ତେ ଉଦ୍ଦିଷ୍ଟ ଥିଲା ।" ଏହା ଲେଖିବା ପରେ ମହୋଦୟ ସତ୍ୟତାକୁ ସ୍ୱୀକାର କରିବାକୁ ବାଧ୍ୟ ହୋଇଥାଆନ୍ତା । କିନ୍ତୁ ସେହି ମହୋଦୟ ଏହା କୁହନ୍ତି ଯେ, ଏଥି ନିମନ୍ତେ ଅତ୍ୟନ୍ତ ହୃଦୟଦ୍ରାବୀର ଆବଶ୍ୟକତା ପଡ଼ିଥାଏ । ଏହାର ଲାଭ ଆପଣ ସ.ଅଙ୍କୁ ହିଁ ପ୍ରାପ୍ତ ହେଲା। କାରଣ ଆପଣ ସ.ଅ ନିଜର ପୈତୃକ ସହରରେ ସମସ୍ତ ଲୋକମାନଙ୍କ ସହିତ ସଂଶ୍ଳିଷ୍ଟ ହେବାକୁ ଲାଗିଲେ । ଲୋକମାନେ ଆପଣ ସ.ଅଙ୍କ ଆସ୍ଥା ଏବଂ ବିଶ୍ୱାସକୁ ସହୃଦୟର ସହିତ ଏବଂ ଅନନ୍ୟ ଆସ୍ଥାର ସହିତ ସ୍ୱୀକାର କରିନେଲେ । କିଛି ସପ୍ତାହ ପରେ ଆମେମାନେ ଏହା ଦେଖୁ କି ସେମାନଙ୍କ (ସେହି ଲୋକମାନଙ୍କ ମଧ୍ୟରୁ) ମଧ୍ୟରୁ 2 ସହସ୍ର (ହଜାର୍) ଲୋକମାନେ ଆପଣ ସ.ଅଙ୍କ ପାର୍ଶ୍ୱରେ ଛିଡ଼ା ହୋଇ ଅତ୍ୟନ୍ତ ବିଶ୍ୱସ୍ତତାର ସହିତ ଯୁଦ୍ଧ କରିବା ପାଇଁ ପ୍ରସ୍ତୁତ ହୋଇଯାଇଥିଲେ । **(The Life of Mahomet by Sir William Muir Pg 425-426 Chapter xxiv London Smith, Elder,&CO.15Waterloo Place1878)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, William Montgomery Watt ମଧ୍ୟ ଏହିପରି ଉଲ୍ଲେଖ କରିଛନ୍ତି । ଉଇଲିୟମ୍ ମଣ୍ଟୋଗୋମେରୀ ୱାଟ୍ ମହୋଦୟ ମଧ୍ୟ ସ୍କଟିଶ୍ ଅଧିବାସୀ ଅଟନ୍ତି ଏବଂ ପ୍ରାଚ୍ୟତତ୍ତ୍ୱବିତ୍ ଅଟନ୍ତି । ଏହି ପ୍ରାଚ୍ୟତତ୍ତ୍ୱବିତ୍ ଜଣକ ଇସ୍‌ଲାମ୍ ଧର୍ମ ଏବଂ ନବୀ କରୀମ୍ ସ.ଅଙ୍କ ବିରୁଦ୍ଧରେ ନିଜ ପୁସ୍ତକରେ ଅତ୍ୟନ୍ତ କଟୁ ଭାଷା ପ୍ରୟୋଗ କରିଛନ୍ତି । କିନ୍ତୁ ଏହି ପ୍ରାଚ୍ୟତତ୍ତ୍ୱବିତ୍‌ଙ୍କର ଏକ ପୁସ୍ତକ ରହିଛି ଯାହାର ନାମ ହେଲା "Muhammad at Madina" । ଉକ୍ତ ପୁସ୍ତକରେ ଏହି ବ୍ୟକ୍ତି ଜଣକ ଉଲ୍ଲେଖ କରନ୍ତି ଯେ, "ମକ୍କାର ଅଧିପତିମାନଙ୍କୁ ମୁସଲମାନ ହେବା ପାଇଁ ବାଧ୍ୟ କରାଯାଇ ନଥିଲା । ଅର୍ଥାତ୍ ଏହି ପ୍ରାଚ୍ୟତତ୍ତ୍ୱବିତ୍ ଜଣକ ଏହା ସ୍ୱୀକାର କରନ୍ତି ଯେ, ମକ୍କାର ଅଧିପତିମାନେ ଓ ଅନ୍ୟାନ୍ୟ ଲୋକମାନେ ଅବଜ୍ଞା ତଥା ଅବିଶ୍ୱାସକାରୀତା ଉପରେ ହିଁ ପ୍ରତିଷ୍ଠିତ ରହିଥିଲେ । ଏହାତୁ ବି ଅଧିକ ଆଁହଜରତ ସ.ଅ ନିଜର ନେତୃତ୍ୱରେ ଉପସ୍ଥିତ ଥିବା ଏକତାକୁ ସମ୍ଭାଳିଲେ ଏବଂ ପ୍ରାୟ ସମସ୍ତ ସଦସ୍ୟବୃନ୍ଦଙ୍କୁ ଏହା ଅନୁଭବ କରାଇଲେ ଯେ, ଆଁହଜରତ ସ.ଅ ସେମାନଙ୍କ ସହିତ ନ୍ୟାୟ ପ୍ରଦର୍ଶନ କରୁଛନ୍ତି । ଏହି ପ୍ରସଙ୍ଗ ହିଁ ଇସ୍‌ଲାମୀୟ ସମାଜରେ ପାରସ୍ପରିକ ଭ୍ରାତୃତ୍ୱତାବୋଧ, ଶାନ୍ତି ଏବଂ ଉତ୍ସାହ ଭାବାବେଗକୁ ଅନନ୍ୟ କରିଦେଲା । ଉକ୍ତ

ପ୍ରସଙ୍ଗଟି ଅନ୍ୟ ସ୍ଥାନରେ ଥିବା ଅଶାନ୍ତିର ପ୍ରତିକୂଳ ଥିଲା । ଉକ୍ତ କଥା ଅନେକ ଲୋକମାନଙ୍କ ଉପରେ ସ୍ପଷ୍ଟ ହୋଇଥିବ । ଏହି ପ୍ରସଙ୍ଗ ହିଁ ସେମାନଙ୍କୁ ମୁହମ୍ମଦ ସ.ଅଙ୍କ ଆଡ଼କୁ ଆକୃଷ୍ଟ କିରଥିବ । ଉପରୋକ୍ତ ସମସ୍ତ ପ୍ରସଙ୍ଗରେ ଗୋଟିଏ ପ୍ରସଙ୍ଗ ସବୁଠି ବେଶ୍ ପ୍ରଭାବଶାଳୀ ଅଟେ ଏବଂ ତାହା ହେଉଛି ମୁହମ୍ମଦ ସ.ଅଙ୍କ ନିଜସ୍ୱ ଅଭିପ୍ରାୟ ଏବଂ ଦୂରଦୃଷ୍ଟିମୂଳକ ତାତ୍ତ୍ୱିକ ଅବସ୍ଥା ଉପରେ ଥିବା ବିଶ୍ୱାସ । ଯେତେବେଳେ ତାଙ୍କର (ମୁହମ୍ମଦ ସ.ଅଙ୍କର) ଜମାଅତ୍ (ଗୋଷ୍ଠୀ) ବର୍ତ୍ତମାନ କ୍ଷୁଦ୍ରାବସ୍ଥାରେ ଥିଲା ଏବଂ ଆପଣ ସ.ଅ ନିଜର ସମସ୍ତ ସାଧନକୁ ଶତ୍ରୁ ବିପକ୍ଷରେ ବର୍ତ୍ତିବା ନିମନ୍ତେ ବ୍ୟବହାର କରୁଥିଲେ ସେତେବେଳେ ସେ ଅର୍ଥାତ୍ ଆଁହଜରତ ସ.ଅ ଏକ ଯୁକ୍ତରାଜ୍ୟ ଆରବ ଦେଶର କଳ୍ପନାକୁ ଜନ୍ମ ଦେଇଥିଲେ । ଏହି କଳ୍ପନା ବିପରୀତ ଦିଗରେ ଉନ୍ନତି କରିବା ଯହିଁରେ ମକ୍କାର ଲୋକମାନେ ନିଜର ପୁରାତନ ବ୍ୟବସାୟିକ ଭୂମିକା ଅପେକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକାର ନିର୍ବାହ କରିବେ । ବର୍ତ୍ତମାନ ସମସ୍ତ ଲୋକମାନେ ନତମସ୍ତକ ହୋଇ ସାରିଥିଲେ । ଏପର୍ଯ୍ୟନ୍ତକି ମକ୍କାର ବଡ଼ ବଡ଼ ଲୋକମାନେ ମଧ୍ୟ ଆପଣ ସ.ଅଙ୍କ ସମ୍ମୁଖରେ ନତ ମସ୍ତକ ହୋଇ ସାରିଥିଲେ । ଏତେ ବିପଦ ସତ୍ତ୍ୱେ ଓ ଅଭାବଜନିତ ପରିସ୍ଥିତି ସତ୍ତ୍ୱେ ପ୍ରାୟ ସାର୍ବକାଳୀନ ଭରସା ତଥା ବିଶ୍ୱାସର ସହିତ ସେ (ଆଁହଜରତ ସ.ଅ) ନିଜର ଲକ୍ଷ୍ୟସ୍ଥଳ ଆଡ଼କୁ ଅଗ୍ରସର ହୋଇ ଚାଲିଲେ । ଯଦି ଆମମାନଙ୍କୁ ଏହି ଐତିହାସିକ ଘଟଣାବଳୀର ବାସ୍ତବତା ଉପରେ ବିଶ୍ୱାସ ହୋଇ ନଥାଆନ୍ତା ତେବେ ଖୁବ୍ କ୍ୱଚିତ ଲୋକ ହିଁ ଉକ୍ତ କଥାକୁ ସ୍ୱୀକାର କରି ଥାଆନ୍ତେ ଯେ, ଜଣେ ତୁଚ୍ଛ ମନେ କରାଯାଉଥିବା ମକ୍କାର ଅବତାର ନିଜ ସହରରେ ବିଜୟୀ ହୋଇ ଫେରି ଆସି ପାରିବ।" **(Muhammad at Medina by W. Montgomery Watt Chapter The Winning of the Meccans Pg67-68, 70, Ameena Saiyid,Oxford University Press Karachi 2006)**

ହୁଜୁର ଅନ୍ୱର୍ ଅ.ବ କହିଲେ, ପୁନଶ୍ଚ ଆଉ ଜଣେ ପ୍ରାଚ୍ୟତତ୍ତ୍ୱବିତ୍ ଅଟନ୍ତି ଆର୍ଥୁର୍ ଗିଲମାନ୍ (Arthur Gilman) ସାହେବ । ଏହି ବ୍ୟକ୍ତି ଜଣକ ମଧ୍ୟ ପ୍ରାଚ୍ୟତତ୍ତ୍ୱବିତ୍ ଅଟନ୍ତି ।  ଶ୍ରୀମାନ୍ ଆମେରିକୀୟ ଅଧିବାସୀ ଥିଲେ । ଏହି ମହୋଦୟ ଜଣକ ମକ୍କା ବିଜୟର ଚର୍ଚ୍ଚା କରି ନିଜର ପୁସ୍ତକ The Saracenesରେ ନବୀ କରୀମ୍ ସ.ଅଙ୍କ ସର୍ବସାଧାରଣଙ୍କୁ କ୍ଷମା ପ୍ରଦାନ କରିବା, ଉତ୍ତମ ଆଦର୍ଶ ଏବଂ ସହିଷ୍ଣୁତା ଭାବର ଆଦର୍ଶ ଭୂମିକା ସଂପର୍କରେ ବର୍ଣ୍ଣନା କରି ଉଲ୍ଲେଖ କରିଛନ୍ତି ଯେ, ଯେତେବେଳେ ମୁହମ୍ମଦ୍ ସ.ଅ ନିଜର ଏକ ଓଟ ଉପରେ ଆରୋହଣ ହେଲେ ସେତେବେଳେ ସେହି ଓଟଟି ଆପଣ ସ.ଅଙ୍କୁ ଅନେକ ଅବସରରେ ମଧ୍ୟ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପହଞ୍ଚାଇଥିଲା ।

ଆପଣ ସ.ଅ ସେହି ଓଟ ଉପରେ ଆରୋହଣ ହୋଇ ଯେତେବେଳେ ସହରରେ ପ୍ରବେଶ କଲେ ସେତେବେଳେ କୃତଜ୍ଞତା ଜ୍ଞାପନ ପୂର୍ବକ ଆପଣ ସ.ଅଙ୍କ ଚକ୍ଷୁ ଅଶ୍ରୁଳମୟ ହୋଇଗଲା । କାରଣ ଆପଣ ସ.ଅ ସଡ଼କକୁ ଖାଲି ଦେଖିଥିଲେ ଏବଂ ଏହା ଜାଣି ନେଲେ ଯେ, ଆପଣ ସ.ଅଙ୍କର ସ୍ୱାଗତ ଶାନ୍ତିପୂର୍ଣ୍ଣ ଭାବେରେ ହେବ । ଆପଣ ସ.ଅଙ୍କର ଉକ୍ତ କଥା ଅତ୍ୟନ୍ତ ପ୍ରଶଂସନୀୟ ଅଟେ । କାରଣ ଯେଉଁ ଅବସରରେ ଅତୀତର ମକ୍କା ବାସୀନ୍ଦାଙ୍କ ଅତ୍ୟାଚାର ମନେପଡ଼ି ଆପଣ ସ.ଅଙ୍କ ବିବେକ ଆପଣ ସ.ଅଙ୍କୁ ପ୍ରତିଶୋଧ ନେବା ନିମନ୍ତେ ଉସକାଉଥିଲେ ସେଠାରେ ଆପଣ ସ.ଅ ନିଜର ସୈନ୍ୟବାହିନୀକୁ କୌଣସି ପ୍ରକାରର ରକ୍ତପାତ ନକରିବାକୁ କହିଥିଲେ ଏବଂ ଆପଣ ସ.ଅ ସେଦିନ ବିନୀତତା ଏବଂ ଈଶ୍ୱରଙ୍କ କୃତଜ୍ଞତାର ଯଥାସମ୍ଭବ ପରିପ୍ରକାଶ କରିଥିଲେ ।

ଏକଥା ଠିକ୍  ଯେ, ଖାଲିଦ୍ ବିନ୍ ୱଲିଦ୍ଙ୍କର ଏକ ଘଟଣା ରହିଛି । ଅର୍ଥାତ୍ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ଶକ୍ତିର ମୁକାବିଲା ଶକ୍ତି ସହିତ କଲେ । କିନ୍ତୁ ମୁହମ୍ମଦ ସ.ଅ ଏହାକୁ ନାପସନ୍ଦ କଲେ । ଏଠାରେ ନବୀ କରୀମ୍ ସ.ଅ ଯେଉଁ ପ୍ରଥମ କାର୍ଯ୍ୟ କଲେ ତାହା ଏହିକି ଯେ, ଆପଣ ସ.ଅ ଖାନା କାଆବକୁ ପିତୁଳା ମୁକ୍ତ କଲେ ଏବଂ ତପ୍ରେ ଆପଣ ସ.ଅ ମୁଅଜ୍ଜିନ୍ (ଅଜାନ୍ ଦେଲାବାଲା ବ୍ୟକ୍ତି)କୁ ଆଦେଶ ଦେଲେ ଯେ, ଉଚ୍ଚ ସ୍ଥାନରେ ଚଢ଼ି ଏବଂ ଉଚ୍ଚ ସ୍ୱରରେ ଲୋକମାନଙ୍କୁ ନମାଜ ନିମନ୍ତେ ଡାକୁ । ଅର୍ଥାତ୍ ଅଜାନ ଦେଉ । ଆପଣ ସ.ଅ ଜଣେ ଘୋଷଣାକାରୀକୁ ପ୍ରେରଣ କଲେ ଯେ, ସେ ପ୍ରତ୍ୟେକ ବ୍ୟକ୍ତିଙ୍କ ଘରେ ଯାଇ ଘରେ ପଡ଼ିଥିବା ଠାକୁରଙ୍କୁ ଭାଙ୍ଗି ପକାଉ ।"

ହୁଜୁର ଅନ୍ୱର ଅ.ବ କହିଲେ, ପୁନଶ୍ଚ ଏହି ପ୍ରାଚ୍ୟତତ୍ତ୍ୱବିତ୍ ଉଲ୍ଲେଖ କରନ୍ତି ଯେ, 10 କିମ୍ବା 12 ଜଣ ଲୋକମାନେ ବିଭିନ୍ନ ଅବସରରେ ଆଁହଜରତ୍ ସ.ଅଙ୍କ ପ୍ରତି ଏବଂ ସାହାବା ଓ ଅନ୍ୟ ମସୁଲମାନମାନଙ୍କ ପ୍ରତି ଅତ୍ୟନ୍ତ ନୃଶଂସ ଆଚରଣ ପ୍ରଦର୍ଶନ କରିଥିଲେ । ସେହି ଦୋଷୀମାନଙ୍କୁ ଦଣ୍ଡ ଦେବା ନିମନ୍ତେ ଆପଣ ସ.ଅ ଆଦେଶ ଦେଲେ । ତନ୍ମଧ୍ୟରୁ 4 ଜଣ ଲୋକଙ୍କୁ ସ୍କନ୍ଧଚ୍ୟୁତର ଶାସ୍ତି ଦିଆଗଲା । କିନ୍ତୁ ଯଦି ଆମେ ଏହି ଆଚରଣକୁ ଅନ୍ୟ ବିଜୟୀ ବ୍ୟକ୍ତିମାନଙ୍କର ଆଚରଣ ସହିତ ତୁଳନା କରୁ ତେବେ ଆମେ ଏହାକୁ ଅତ୍ୟଧିକ ମାନବାକିତା ଆଚରଣ ଦ୍ୱାରା ପରିପୂର୍ଣ୍ଣ ବୋଲି ମନେହେବା ଉଚିତ୍ । ଅର୍ଥାତ୍ ସ୍ୱୀକାର କରିବା ଉଚିତ୍ ।

ଏହି ପ୍ରାଚ୍ୟତତ୍ତ୍ୱବିତ୍ ଜଣକ ଉଲ୍ଲେଖ କରନ୍ତି ଖ୍ରୀଷ୍ଟିଆନ୍ମାନଙ୍କର ଅତ୍ୟାଚାର ତୁଳନାରେ ଅର୍ଥାତ୍ 1099 ଖ୍ରୀ.ଅରେ ଖ୍ରୀଷ୍ଟିଆନ୍ମାନେ 70,000 ମୁସଲମାନ ମହିଳା, ପୁରୁଷ, ନିଃସହାୟ ନିରୀହ ଛୋଟ ଛୋଟ ପିଲାମାନଙ୍କୁ ସେତେବେଳେ ମାରି ଦେଲେ ଯେତେବେଳେ ଯେରୁଜେଲମ୍ ସେମାନଙ୍କ ଆୟତ୍ତକୁ ଆସିଲା । ଇଂରେଜ ସୈନ୍ୟବାହିନୀର କ୍ରୁରତା, ଅସଦାଚାରଣ ତୁଳନାରେ ମୁସଲମାନମାନେ ମଧ୍ୟ ଖ୍ରୀଷ୍ଟ ଜାତିଙ୍କ ଛତ୍ରଛାୟା ତଳରେ ଯୁଦ୍ଧ ଲଢିଥିଲେ । ଏହି ମୁସଲମାନମାନେ 1874 ମସିହାର ସ୍ମରଣୀୟ ବର୍ଷରେ ଯୁଦ୍ଧ ସମୟରେ ଆଫ୍ରିକା ଦେଶରେ ଅବସ୍ଥିତ ଗୋଲ୍ଡ୍କୋଷ୍ଟ (ଗୋଲ୍ଡ୍କୋଷ୍ଟ ହେଉଛି ଘାନାର ପୁରାତନ ନାମ) ରାଜଧାନୀକୁ ଜାଳି ଦେଇଥିଲେ। ମୁହମ୍ମଦ ସ.ଅଙ୍କ ବିଜୟ ବାସ୍ତବରେ ଧର୍ମର ଜୟ ଥିଲା । ମୁହମ୍ମଦ ସ.ଅଙ୍କର ବିଜୟ ରାଜନୈତିକ ବିଜୟ ନଥିଲା । ଆପଣ ସ.ଅ ପ୍ରତ୍ୟେକ ପ୍ରକାରର ବ୍ୟକ୍ତିଗତ ସମ୍ମାନମୂଳକ ପ୍ରସଙ୍ଗକୁ ରଦ୍ଦ ଓ ପ୍ରତ୍ୟାଖାନ କରିଦେଲେ, ଆପଣ ସ.ଅ ସମ୍ରାଟତ୍ତ୍ୱ ଆଧିପତ୍ୟଜନିତ ସମସ୍ତ ପନ୍ଥା ପ୍ରତି ବିମୁଖ ଏବଂ ଅନାସକ୍ତ ଭାବ ପ୍ରଦର୍ଶନ କଲେ । ଯେତେବେଳେ ମକ୍କାର ସମସ୍ତ ଅହଂକାରୀ ଅଧିପତିମାନଙ୍କୁ ଆପଣ ସ.ଅଙ୍କ ସମ୍ମୁଖରେ ଉପସ୍ଥାପିତ କରାଗଲା ସେତେବେଳେ ଆପଣ ସ.ଅ ସେମାନଙ୍କୁ ପଚାରିନଲେ ଯେ, ହେ ମକ୍କାର ଅଧିପତିଗଣ ! ଆପଣମାନେ ମୋ ହସ୍ତରୁ ଆଜି କେଉଁ ପ୍ରକାର ଆଚରଣ ପ୍ରଦର୍ଶନର ଆଶା ରଖୁଛନ୍ତି ? ସେମାନେ କହିଲେ, ହେ ଆମର ଉଦାରବାଦୀ ଭାଇ! ଆମେମାନେ ତୁମଠାରୁ ଦୟାର ଆଶା ରଖୁଛୁ । ଆଁହଜରତ ସ.ଅ କହିଲେ, ହଉ ତାହାହେଲେ ଏହିପରି ହିଁ ହେବ । ଯାଅ ତୁମେମାନେ ସମସ୍ତେ ସ୍ୱାଧୀନ ଓ ମୁକ୍ତ ଅଟ । **(The Saracenes by Arthur Gilman,Fourth Edition,T.Fisher Unwain,London,1887,Pg.184,185)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଆଉ ଜଣେ ପ୍ରାଚ୍ୟତତ୍ତ୍ୱବିତ୍ ମହିଳା ରହିଛନ୍ତି ଯାହାଙ୍କର ନାମ ହେଲା Ruth Cranston । ମହୋଦୟା ଆମେରିକାର ଅଧିବାସୀ ଥିଲେ । ଏହି ମହୋଦୟା ମକ୍କା ବିଜୟର ଚର୍ଚ୍ଚା କରି କୁହନ୍ତି ଯେ, 630 ମସିହାର ପ୍ରାରମ୍ଭରେ ଦିନେ ସେହି ବ୍ୟକ୍ତି ଯାହାକୁ ଦଶ ବର୍ଷ ପୂର୍ବେ ପଥର ମାରି ତା' ସହରରୁ ତଡ଼ି ଦିଆଯାଇଥିଲା, ଯେଉଁ ବ୍ୟକ୍ତିକୁ ପ୍ରତି ତାଚ୍ଛଲ୍ୟ ଓ ଉପହାସର ଶରବ୍ୟ କରାଯାଇଥିଲା। ବର୍ତ୍ତମାନ ସେହି ବ୍ୟକ୍ତି ନିଜର 10,000 ଅଭିଜ୍ଞ ସୈନିକଙ୍କ ସହିତ ମକ୍କା ସହରରେ ପ୍ରବେଶ କଲେ । ମୁହମ୍ମଦ ସ.ଅ ଆଦେଶ ଦେଇଥିଲେ ଯେ, ହେ ମୁସଲମାନମାନ ସୈନ୍ୟବାହିନୀମାନେ ! ତୁମେମାନେ କାହାରିକୁ ବଧ କରିବା ନାହିଁ। ସହରୀ ବାସୀନ୍ଦାମାନଙ୍କ ପ୍ରତି ସଦୟ ଓ ବିନୟ ଭାବ ପ୍ରଦର୍ଶନ କରିବ । କିନ୍ତୁ ମକ୍କାବାସୀଙ୍କ ସମସ୍ତ ପ୍ରତିଶୃତି ଏବଂ ଚିକ୍କଣିଆ କଥା ସତ୍ତ୍ୱେ ସେମାନଙ୍କ ସିପାହୀମାନଙ୍କ ଉପରେ ଆକ୍ରମଣ କରାଗଲା ଏବଂ ନବୀ କରୀମ୍ ସ.ଅଙ୍କୁ ନିଜର ସେନାପତି ଖାଲିଦ୍ ବିନ୍ ୱଲିଦଙ୍କୁ ଭୟଙ୍କର ପାଲଟା କାର୍ଯ୍ୟାନୁଷ୍ଠାନକୁ ଅଟକାଇବାରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଲା ।

ସେ ଯାହା ହେଉ ଏହି ପ୍ରାଚ୍ୟତତ୍ତ୍ୱବିତ୍ ମହିଳା ଜଣକ ଉକ୍ତ କଥାରେ ଅତିଶୟୋକ୍ତି ପ୍ରୟୋଗ କରିଦେଇଛନ୍ତି । କୌଣସି ବିଶ୍ୱାସିକ ଏବଂ ଚିକ୍କଣିଆ କଥା ନଥିଲା । ସେଠାରେ (ମକ୍କାରେ) ଆକ୍ରମଣ ପ୍ରଥମେ ମକ୍କାବାସୀମାନେ ହିଁ କରିଥିଲେ । ସେ ଯାହା ହେଉ ଯେଉଁ ବିଦ୍ୱେଷ ରହିଛି ତାହା କୌଣସି ନା କୌଣସି ସ୍ଥାନରେ ପ୍ରକଟିତ ହୋଇ ଯାଇଥାଏ ।

ମହୋଦୟା ପୁନଶ୍ଚ ଉଲ୍ଲେଖ କରନ୍ତି ଯେ, ଉକ୍ତ ସଂଘର୍ଷରେ ଦୁଇ ଜଣ ମୁସଲମାନ ପ୍ରାଣ ହରାଇଥିଲେ ଏବଂ 28 ଜଣ କୁଫ୍ଫାର୍ (ଅବିଶ୍ୱାସକାରୀମାନେ) ମୃତ୍ୟୁବରଣ କରିଥିଲେ । ଏପରି ସମୟ ଏବଂ ଏପରି ଅବସରରେ ଯଦି ଅନ୍ୟ କୌଣସି ପଥପ୍ରଦର୍ଶକ ସୈନ୍ୟ ବାହିନୀର ନେତୃତ୍ୱ ନେଇ ଥାଆନ୍ତା ତେବେ ଟିକିଏ ଚିନ୍ତା କରି ଦେଖନ୍ତୁ କେତେ ହତ୍ୟା ବିଭୀଷୀକା ଘଟି ଥାଆନ୍ତା ?

ହୁଜୁର ଅନ୍ୱର୍ ଅ.ବ କହିଲେ, ଏଠାରେ ସେହି ମହିଳା ଜଣକ ପୁନଃ ବାସ୍ତବତା ବର୍ଣ୍ଣନା କରିବାକୁ ବାଧ୍ୟ ଅଟନ୍ତି । ଯେତେବେଳେ ମୁସଲମାନମାନଙ୍କର ସୈନ୍ୟବାହିନୀ ସହରକୁ ଅଧିକାର କରିନେଲା ସେତେବେଳେ ମୁହମ୍ମଦ ସ.ଅ ନିଜର ବସ୍ତ୍ର ବଦଳି ଏକ ଧଳା ରଙ୍ଗର ଏହରାମ୍ (ଚଦର୍ ବସ୍ତ୍ର) ପିନ୍ଧି ନେଲେ । ଆପଣ ସ.ଅ ହଜ୍ର ଯେଉଁ ଧାର୍ଯ୍ୟ ଉପାସନା, କର୍ମକାଣ୍ଡ ରହିଥିଲା ତାହାକୁ ଆପଣ ସ.ଅ ସମ୍ପାଦନ କଲେ।

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍ସଲନାକା ଇଲ୍ଲା ରହ୍ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍ରା ହତ୍ତା ତୁନ୍ଫିକୁ ମିମ୍ମା ତୁହିବ୍ବୁନ୍ ।"
(ଆଲେ ଇମ୍ରାନ୍ :93)

**ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।**

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ଆପଣ ସ.ଅ ଖାନା କାଆବାର 7 ଥର ପିରକ୍ରମା କଲେ । ଏତଦ୍‌ପରେ ଆପଣ ସ.ଅ ନିଜର ଅବଶିଷ୍ଟ ବର୍ତ୍ତି ଯାଇଥିବା ସାଥିମାନଙ୍କୁ ଡକାଇଲେ । ସେହି ସାଥିମାନେ ନିଜର ଜୀବନକୁ ବିପଦରେ ପକାଇ ଆପଣ ସ.ଅଙ୍କ ଅଭିପ୍ରାୟ ସକାଶେ ବଳିଦାନ ଦେଇଥିଲେ। କାରଣ ସେମାନେ ଏହି ମହାନ ଦିନରେ ଏବଂ ଆପଣ ସ.ଅଙ୍କ ଜୀବନର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଅବସରରେ ଆପଣ ସ.ଅଙ୍କ ସହିତ ଛିଡ଼ା ହୁଅନ୍ତୁ । ତେଣୁ ଜଣ ଜଣ କରି 360ଟି ପିତୁଳାଗୁଡ଼ିକୁ (ମୂର୍ତ୍ତି)କୁ ଏବଂ ହୁବୁଲ୍ ଦେବତାକୁ ମଧ୍ୟ ଖାନା କାଆବାରୁ କାଢି ଫିଙ୍ଗିଦେଲେ ଏବଂ ମୂର୍ତ୍ତିଗୁଡ଼ିକୁ ଖଣ୍ଡ ବିଖଣ୍ଡ କରିଦିଆଗଲା । ଆଁହଜରତ ସ.ଅ ପ୍ରତ୍ୟେକ ମୂର୍ତ୍ତିକୁ ଭାଙ୍ଗି ଉଚ୍ଚ ସ୍ୱରରେ ଏହା କହୁଥିଲେ ଯେ, **ଯାଅଲ୍ ହକ୍କୁ ୱ ଜହକଲ୍ ବାତିଲ୍** । ଅର୍ଥାତ୍ ସତ୍ୟ ଆସିଗଲା ଏବଂ ଅସତ୍ୟ ନିଶ୍ଚିହ୍ନ ହୋଇଗଲା। **(World Faith By Ruth Cranston page216-217 Skeffington Stratford Place London1953)**

ହୁଜୁର ଅନ୍‌ୱର୍ ଅ.ବ କହିଲେ ଆଉ ଜଣେ ମହିଳା ପ୍ରାଚ୍ୟତତ୍ତ୍ୱବିତ୍ ଅଟନ୍ତି । ସେହି ମହିଳାଙ୍କ ନାମ ହେଲା Karen Armstrong । ଉକ୍ତ ମହିଳା ଜଣକ ନ୍ୟାୟପ୍ରିୟ ମହିଳା ଅଟନ୍ତି । ମହୋଦାୟା 1944 ମସିହାରେ ଜନ୍ମଗ୍ରହଣ କରିଥିଲେ । ଇଂଲଣ୍ଡର ଜଣେ ଜଣାଶୁଣା ବିଦ୍ୱାନ୍ ଏବଂ ଲେଖିକା ଅଟନ୍ତି । ମହୋଦୟା ଧର୍ମ ମଧ୍ୟରେ ତୁଳନାତ୍ମକ ରଚନା ଲେଖନୀ ଚାଳନା କରି ପ୍ରସିଦ୍ଧି ଅର୍ଜନ କରିଛନ୍ତି । ମହୋଦୟା ନିଜର ପୁସ୍ତକ Muhammad A Biography of the Prophetରେ ମକ୍କା ସଂକ୍ରାନ୍ତରେ ଉଲ୍ଲେଖ କରିଛନ୍ତି ଯେ: "ଆପଣ ସ.ଅଙ୍କୁ ରକ୍ତାକ୍ତମୂଳକ ପ୍ରତିଶୋଧ ନେବାର କୌଣସି ସୌକ୍ ଏବଂ ଇଚ୍ଛା ନଥିଲା । କାହାରିକୁ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବାକୁ ବାଧ୍ୟ କରାଗଲା ନାହିଁ । ନା ହିଁ ଏପରି ଲାଗିଲା କି କାହା ଉପରେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବାକୁ ଚାପ ପକା ଯାଇଥିବ । ମୁହମ୍ମଦ ସ.ଅ ଲୋକମାନଙ୍କୁ ବାଧ୍ୟ କରିବାକୁ ଚାହୁଁ ନଥିଲେ । ବରଂ ସେମାନଙ୍କ ମଧ୍ୟରେ ସନ୍ଧି ଓ ମୈତ୍ରୀ ସ୍ଥାପନ କରିବାକୁ ଚାହୁଁଥିଲେ । ଆପଣ ସ.ଅ ମକ୍କା ଏଇଥି ପାଇଁ ଆସି ନଥିଲେ ଯେ, ଆପଣ ସ.ଅ କୁରୈଶ୍‌ମାନଙ୍କୁ ଅତ୍ୟାଚାରର ଶରବ୍ୟ କରିବେ । ବରଂ ଆପଣ ସ.ଅ ମକ୍କା ଏଇଥି ପାଇଁ ଆସିଥିଲେ ଯେ, ଆପଣ ସେହି ଧର୍ମକୁ ସମାପ୍ତ କରିଦେବେ ଯେଉଁ ଧର୍ମ ସେମାନଙ୍କ ନିମନ୍ତେ ଅସଫଳ ସାବ୍ୟସ୍ତ ହୋଇଥିଲା । ମକ୍କା ବିଜୟ ମାଧ୍ୟମରେ ମୁହମ୍ମଦ ସ.ଅ ନିଜ ଅବତାରତ୍ୱର ଏକ ଦାବିକୁ ସତ୍ୟ ବୋଲି ପ୍ରମାଣିତ କରିଦେଲେ। ଏହି ବିଜୟ ବିନା କୌଣସି ରକ୍ତପାତରେ ପ୍ରାପ୍ତ ହୋଇଥିଲା ଏବଂ ମୁହମ୍ମଦ ସ.ଅଙ୍କ ଶାନ୍ତିପୂର୍ଣ୍ଣ ନୀତି ସଫଳ ହୋଇଥିଲା । କିଛି ବର୍ଷ ମଧ୍ୟରେ ହିଁ ମକ୍କାରେ ମୂର୍ତ୍ତି ପୂଜାର ଅବସାନ ଘଟିଲା ଏବଂ ଇକ୍ରମା ଓ ସୁହୈଲ ଭଳି ଘୋର ବିରୋଧୀ ନୈଷ୍ଠିକ ଏବଂ ଉତ୍ସାହପୂର୍ଣ୍ଣ ମୁସଲମାନ ହୋଇଗଲେ ।" **(Muhammad A Biography of the Prophet by Karen Armstrong,page 243 and 245, Book Readers international Quetta)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ସେହି ପ୍ରାଚ୍ୟତତ୍ତ୍ୱବିତ୍‌ମାନଙ୍କ ମଧ୍ୟରୁ କେତେକ ପ୍ରାଚ୍ୟତତ୍ତ୍ୱବିତ୍ ଏପରି ଅଟନ୍ତି ଯେଉଁମାନେ ଘୋର ବିରୋଧୀ ହେବା ସତ୍ତ୍ୱେ ମଧ୍ୟ ଉପରୋକ୍ତ ସତ୍ୟକୁ ବର୍ଣ୍ଣନା କରିଛନ୍ତି । କାହିଁକି ନା ସେମାନେ ସତ କହିବାକୁ ବାଧ୍ୟ ଥିଲେ । ଏହା ବ୍ୟତୀତ ସେମାନେ ଆଉ କିଛି କରିପାରି ନଥାଆନ୍ତେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ମକ୍କା ବିଜୟ ସଂକ୍ରାନ୍ତରେ କେତେକ ଅତିରିକ୍ତ ଘଟଣାବଳୀ ମଧ୍ୟ ରହିଛି । ତନ୍ମଧ୍ୟରେ ଗୋଟିଏ ଘଟଣା ଅବ୍‌ଦୁଲ୍ଲାଃ ବିନ୍ ସାଆଦ୍ ବିନ୍ ଅବି ସରାହ୍‌ଙ୍କ ତୌବା (କ୍ଷମା ଯାଚନାର)ର ଘଟଣା । ଏଥି ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, ସେ (ଅବ୍‌ଦୁଲ୍ଲାଃ ବିନ୍ ସାଆଦ୍ ବିନ୍ ଅବି ସରାହ୍) ପ୍ରଥମେ ଇସ୍‌ଲାମ୍ ଧର୍ମ ଗ୍ରହଣ କରିଥିଲା ଏବଂ ଆଁହଜରତ କାତିବେ ୱହି (ଈଶ୍ୱରଙ୍କ ପକ୍ଷରୁ ଅବତୀର୍ଣ୍ଣ ହେଉଥିବା ଐଶୀବାଣୀକୁ ସେ ଲେଖି ନେଉଥିଲା) ମଧ୍ୟ ଥିଲା । କିନ୍ତୁ ଏହାପରେ ସେ ବିଧର୍ମୀ ହୋଇ ପରଧର୍ମକୁ (ମୁସରିକ୍ ହୋଇଗଲା) ଫେରିଗଲା । ତା' ସଂପର୍କରେ ଏହା ବର୍ଣ୍ଣନା କରାଯାଏ ଯେ, ତା'କୁ ମଧ୍ୟ ମୃତ୍ୟୁଦଣ୍ଡ ଦିଆଯାଇଥିଲା । ଯେତେବେଳେ ମକ୍କା ବିଜୟ ହୋଇଗଲା ସେତେବେଳେ ଏହି ହତଭାଗ୍ୟ ହ. ଉସ୍‌ମାନ୍ ବିନ୍ ଅଫ୍ଫାନ୍ ର.ଅଙ୍କ ଘରେ ଲୁଚିଗଲା । ଅବ୍‌ଦୁଲ୍ଲାଃ ବିନ୍ ସାଆଦ୍ ବିନ୍ ଅବି ସରାହ୍ ହ. ଉସ୍‌ମାନ୍ ବିନ୍ ଅଫ୍ଫାନ୍ ର.ଅଙ୍କ ରିଜାଇ (ହ. ଉସ୍‌ମାନ୍ ବିନ୍ ଅଫ୍ଫାନ୍ ର.ଅଙ୍କ ମାତାଙ୍କ କ୍ଷୀର ପାନ କରିଥିବା ହେତୁ ରିଜାଇ ଭାଇ ଥିଲା) ରିଜାଇ ଭାଇ ଥିଲା । ହ. ଉସ୍‌ମାନ୍ ର.ଅ ତା'କୁ ନବୀ କରୀମ୍ ସ.ଅଙ୍କ ସମ୍ମୁଖରେ ଉପସ୍ଥିତ କଲେ ଏବଂ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ଅବ୍‌ଦୁଲ୍ଲାଃର ବୈଅତ୍ ସ୍ୱୀକାର କରନ୍ତୁ । ଆପଣ ସ.ଅ ଅନେକ ସମୟ ପର୍ଯ୍ୟନ୍ତ ନିରବତା ଅବଲମ୍ବନ କଲେ ଏବଂ ପୁନଶ୍ଚ ତା' ଠାରୁ ବୈଅତ୍ ନେଇ ନେଲେ । ବର୍ଣ୍ଣନାକାରୀ ଉଲ୍ଲେଖ କରନ୍ତି ଯେ, ଯେତେବେଳେ ଅବ୍‌ଦୁଲ୍ଲାଃ ଫେରିଗଲା ସେତେବେଳେ ଆପଣ ସ.ଅ ନିଜର ସାହାବାମାନଙ୍କୁ କହିଲେ, ହେ ସାହାବାମାନେ ! ମୁଁ ଅବ୍‌ଦୁଲ୍ଲାଃ ପାଇଁ କିଛି ସମୟ ନିରବ ରହିଲି । କାରଣ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଛିଡ଼ା ହୋଇ ଯାଇଥାଆନ୍ତା ଏବଂ ତା'ର ଯଥାଶୀଘ୍ର ସଂହାର କରି ଦେଇଥାଆନ୍ତା। ସାହାବାମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ଆମମାନଙ୍କୁ ଇଙ୍ଗିତ କଲେ ନାହିଁ କାହିଁକି । ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ, "***ଅବତାର କୌଣସି ବ୍ୟକ୍ତିକୁ ହତ୍ୟା କରିବା ନିମନ୍ତେ କେବେ ବି ଇଙ୍ଗିତ କରନ୍ତି ନାହିଁ***" ହୁଜୁର ଅନ୍‌ୱର୍ ଅ.ବ କହିଲେ, କେତେକ ବର୍ଣ୍ଣନାମାନଙ୍କରେ ଏହି ଶବ୍ଦ ରହିଛି ଯେ, ନବୀ ନିମନ୍ତେ ଏହା ବୈଧ ନୁହେଁ ଯେ, ସେ ନିଜ ଚକ୍ଷୁର ବିଶ୍ୱାସଘାତକତା କରୁ । **(ସିରତ୍ ଇବ୍‌ନେ ଇସ୍‌ହାକ୍, ପୃ-529-530, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ସିରତ୍ ଇବ୍‌ନେ ହିଶ୍ଶାମ୍, ପୃ-742, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ଅଲ୍ ଇକ୍‌ତିଫା, ଭାଗ-2, ପୃ-225, ଆଲିମୁଲ୍ କୁତୁବ୍, ବୈରୁତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଏହି ବର୍ଣ୍ଣନାଗୁଡ଼ିକ ଏହିପରି ଭାବରେ ପରସ୍ପର ସହିତ ସାମଞ୍ଜସ୍ୟ ରଖନ୍ତି । କାରଣ କେତେକ ଇତିହାସ ପୁସ୍ତକମାନଙ୍କରେ ଏହି ବର୍ଣ୍ଣନାଗୁଡ଼ିକ ବିଦ୍ୟମାନ ରହିଛି । ତେଣୁ ମୁଁ ସେହି ବର୍ଣ୍ଣନାଗୁଡ଼ିକୁ ବର୍ଣ୍ଣନା କରୁଛି । କିନ୍ତୁ ଏହି ବର୍ଣ୍ଣନାଗୁଡ଼ିକ ସନ୍ଦେହାସ୍ପଦ ଅଟନ୍ତି । ଆଁହଜରତ ସ.ଅଙ୍କର ଯେଉଁ ଉତ୍ତମ ଆଦର୍ଶ ରହିଥିଲା, ଯେଉଁ ଅସୀମ ଧୈର୍ଯ୍ୟ ଥିଲା ତାହା ଏହା ସିଦ୍ଧ କରେ ଯେ, ଏହି ସମସ୍ତ ବର୍ଣ୍ଣନାଗୁଡ଼ିକ ପରବର୍ତ୍ତୀ ସମୟରେ କଳ୍ପିତ (ଗଢି) ନିଆଯାଇଛି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ହଦିସ୍‌ର ଏକ ପୁସ୍ତକ ଯାହାର ନାମ ସୁନନ୍ ନିସାଇ ଅଟେ । ତହିଁରେ ଉକ୍ତ ବର୍ଣ୍ଣନାଟି ଏହିପରି ବର୍ଣ୍ଣିତ ହୋଇଛି ଯେ, ମକ୍କା ବିଜୟ ଅବସରରେ ଅବ୍‌ଦୁଲ୍ଲାଃ ବିନ୍ ସାଆଦ୍ ହ. ଉସ୍‌ମାନ୍ ର.ଅଙ୍କ ଘରେ ଲୁଚିଗଲା। ପୁନଶ୍ଚ ଯେତେବେଳେ ସର୍ବସାଧାରଣ ବୈଅତ୍‌ର ଘୋଷଣା ହେଲା ସେତେବେଳେ ହ. ଉସ୍‌ମାନ୍ ବିନ୍ ଅଫ୍ଫାନ୍ ର.ଅ ଅବ୍‌ଦୁଲ୍ଲାଃକୁ ଧରି ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ଏବଂ ଆପଣ ସ.ଅଙ୍କୁ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ଅବ୍‌ଦୁଲ୍ଲାଃର ବୈଅତ୍ ସ୍ୱୀକାର କରନ୍ତୁ । ଆପଣ ସ.ଅ ନିଜର ପବିତ୍ର ମସ୍ତକ ଉପରକୁ ଉଠାଇଲେ ଏବଂ ତା' ଆଡ଼କୁ ଦେଖିଲେ ଏବଂ ତିନି ଥର ଏପରି କଲେ ଓ ଅସ୍ୱୀକାର କରିଦେଲେ । ତିନି ଥର ଏପିର ଅସ୍ୱୀକାର କରିବା ପରେ ଯାଇ ଆପଣ ସ.ଅ ତା'ର ବୈଅତ୍ ସ୍ୱୀକାର କଲେ । ଏତଦ୍‌ପରେ ଆପଣ ସ.ଅ ସାହାବାମାନଙ୍କ ଆଡ଼କୁ ମୁହଁ କରି କହିଲେ, ହେ ସାହାବାମାନେ ! କ'ଣ ତୁମମାନଙ୍କ ମଧ୍ୟରେ ଏପରି ବୁଦ୍ଧିମାନ ବ୍ୟକ୍ତି ନଥିଲା ଯେ ମୁଁ ଯେତେବେଳେ ଅବ୍‌ଦୁଲ୍ଲାଃର ବୈଅତ୍ ନେଉ ନଥିଲି ସେତେବେଳେ ସେହି ବୁଦ୍ଧିମାନ ବ୍ୟକ୍ତି ଅବ୍‌ଦୁଲ୍ଲାଃର ସଂହାର କରି ଦେଇଥାଆନ୍ତା? ସାହାବାମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ଆମେ କିପରି ଜାଣି ଥାଆନ୍ତୁ ଯେ, ଆପଣ ସ.ଅଙ୍କ ହୃଦୟରେ କ'ଣ ରହିଛି ? ଆପଣ ସ.ଅ ନିଜ ଆଖିରୁ ଆମକୁ ଟିକିଏ ଇଙ୍ଗିତ କଲେ ନାହିଁ କାହିଁକି ? ଆପଣ ସ.ଅ କହିଲେ, କୌଣସି ନବୀଙ୍କର (ଅବତାରଙ୍କର) ଏହି ମର୍ଯ୍ୟାଦା ନୁହେଁ ଯେ, ତା'ର (ନବୀଙ୍କର) ଚକ୍ଷୁ ବିଶ୍ୱାସଘାତକତା ପ୍ରଦର୍ଶନ କରୁ । **(ନିସାଇ, କିତାବ୍ ତହ୍‌ରିମୁଦ୍ ଦମ୍ମି, ବାବ୍- ଅଲ୍ ହକମ୍, ଫିଲ୍ ମୁରତଦ୍ଧି, ହଦିସ୍ ସଂଖ୍ୟା-4067) (ସୁନନ୍ ଅବୁ ଦାଉଦ୍, କିତାବୁଲ୍ ହୁଦୁଦି, ବାବ୍-ଅଲ୍ ହୁକମ୍, ଫି ମନ୍ ଇରତଦ୍ଧା, ହଦିସ୍ ନଂ-4359)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉପରୋକ୍ତ ବର୍ଣ୍ଣନାଟି ନିସାଇର ବର୍ଣ୍ଣନା ଅଟେ। କିନ୍ତୁ ତହିଁରେ ମଧ୍ୟ ଏହା ଜରୁରୀ ନୁହେଁ ଯେ, ସେହି ବର୍ଣ୍ଣନାକୁ ସଠିକ୍ ବୋଲି ବିଶ୍ୱାସ କରାଯିବ । ସେହିପରି ଉପରୋକ୍ତ ବର୍ଣ୍ଣନାଟି ସୁନନ୍ ଅବୁ ଦାଉଦ୍‌ରେ ମଧ୍ୟ ବର୍ଣ୍ଣିତ ହୋଇଛି । ହେଲେ ସୁନନ୍ ଅବୁ ଦାଉଦ୍‌ରେ ଏହି ବର୍ଣ୍ଣନା ବ୍ୟତୀତ ଅନ୍ୟ ଏକ ବର୍ଣ୍ଣନା ମଧ୍ୟ ଉପସ୍ଥିତ ରହିଛି । କିନ୍ତୁ ସେହି ବର୍ଣ୍ଣନାରେ ସଂହାରର କୌଣସି ଚର୍ଚ୍ଚା ନାହିଁ । ସୁତରାଂ ସେହି ବର୍ଣ୍ଣନାରେ ଏହା ବର୍ଣ୍ଣିତ ହୋଇଛି ଯେ, ହ. ଅବ୍‌ବାସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଅବ୍‌ଦୁଲ୍ଲାଃ ବିନ୍ ସାଆଦ୍ ବିନ୍ ଅବି ସରହ୍ ରସୁଲୁଲ୍ଲାଃ ସ.ଅଙ୍କ ଐଶୀବାଣୀକୁ ଲେଖୁଥିଲା । ତା'କୁ ସୈତାନ୍ ପ୍ରରୋଚିତ ଏବଂ ଉସ୍‌କାଇଦେଲା । ସେ ଅବିଶ୍ୱାସକାରୀମାନଙ୍କ ସହିତ ଯାଇ ମିଶିଗଲା । ମକ୍କା ବିଜୟ ଦିନ ରସୁଲୁଲ୍ଲାଃ ସ.ଅ ଅବ୍‌ଦୁଲ୍ଲାଃର ସଂହାର ଆଦେଶ ଦେଇଦେଲେ । ହ. ଉସ୍‌ମାନ୍ ବିନ୍ ଅଫ୍ଫାନ୍ ର.ଅ ତା' ନିମନ୍ତେ ଆଶ୍ରୟ ଭିକ୍ଷା କଲେ । ପ୍ରତ୍ୟୁତ୍ତରରେ ରସୁଲ୍ କରୀମ୍ ସ.ଅ ଅବ୍‌ଦୁଲ୍ଲାଃକୁ ଆଶ୍ରୟ ପ୍ରଦାନ କରିଦେଲେ । **(ସୁନନ୍ ଅବୁ ଦାଉଦ୍, କିତାବୁଲ୍ ହୁଦୁଦି, ବାବ୍-ଅଲ୍ ହୁକମ୍, ଫି ମନ୍ ଇରତଦ୍ଧା, ହଦିସ୍ ନଂ-4385)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏଠାରେ ଅବ୍‌ଦୁଲ୍ଲାଃ ବିନ୍ ସାଆଦ୍ ର.ଅଙ୍କ

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

## ନବୀ ସ.ଅଙ୍କ ବାଣୀ:-

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ୍ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଷିଣର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

ସଂକ୍ରାନ୍ତରେ ଏପ୍ରକାରର ବର୍ଣ୍ଣନାର ସ୍ପଷ୍ଟ ହେବା ଉଚିତ୍ । ଯେପରିକି ମୁଁ ପୂର୍ବେ ମଧ୍ୟ ବର୍ଣ୍ଣନା କରି ସାରିଛି ଯେ, ହଦିସ୍‌ର ଏହି ବର୍ଣ୍ଣନାଗୁଡ଼ିକ ଯେଉଁ ପୁସ୍ତକରେ ବର୍ଣ୍ଣିତ ହୋଇଛି ତା'ର ପ୍ରମାଣ ସଂକ୍ରାନ୍ତରେ ବିତର୍କ କରାଯାଇଛି ଯେ, ଏହି ପ୍ରମାଣଗୁଡ଼ିକ ଅତି ଦୁର୍ବଳ ପ୍ରମାଣ ଅଟନ୍ତି । ଏହା କହିବା କି ଆଁହଜରତ ସ.ଅ କାହିଁକି ଇଙ୍ଗିତ କଲେ ନାହିଁ ? ଆଁହଜରତ ସ.ଅ କହିଲେ, ମୁଁ ଚୁପ୍ ରହିଲି । କିନ୍ତୁ ଆପଣ ସ.ଅ ସମ୍ରାଟ୍ ଥିଲେ ଏବଂ ସ୍ପଷ୍ଟ ରୂପେ ଏହା କହିପାରି ଥାଆନ୍ତେ ଯେ, ଅବ୍‌ଦୁଲ୍ଲାଃ ବିନ୍ ସାଆଦ୍‌ର ସଂହାର କିରଦିଅ । ସେ ଯାହା ହେଉ ଅନ୍ୟ ପ୍ରମୁଖ କଥା ବିଚାରଯୋଗ୍ୟ ଅଟେ ଯେ, ଇସ୍‌ଲାମ୍ ଧର୍ମରେ ବିଧର୍ମୀତାର କୌଣସି ଶାସ୍ତି ନାହିଁ । ସେଇଥି ପାଇଁ ଅବ୍‌ଦୁଲ୍ଲାଃ ବିନ୍ ସାଆଦ୍‌ଙ୍କ ସଂକ୍ରାନ୍ତରେ ଏହା କହିବା କି ସେ ତ' ବିଧର୍ମୀ ହୋଇଯାଇଥିଲା । ସେଇଥି ପାଇଁ ତା'କୁ ମୃତ୍ୟୁ ଦଣ୍ଡ ଦିଆଗଲା । ଏକଥା ଆଦୌ ଠିକ୍ ଓ ସମୀଚୀନ ନୁହେଁ ।

ଏତଦ୍‌ଭିନ୍ନ ଏକଥା ମଧ୍ୟ ବିଚାରଯୋଗ୍ୟ କି ଉକ୍ତ ଘଟଣା ସଂକ୍ରାନ୍ତରେ ଯେଉଁ ବିବରଣୀ ପ୍ରଦାନ କରାଯାଇଛି ତାହା ନବୀ କରୀମ୍ ସ.ଅଙ୍କ ମର୍ଯ୍ୟାଦା ବିରୁଦ୍ଧୀୟ ବୋଲି ମନେହେଉଛି । ଯେପରିକି ମୁଁ ପୂର୍ବେ କହି ସାରିଛି ଯେ, ଆଁହଜରତ ସ.ଅ ତ' ସେଦିନ (ମକ୍କା ବିଜୟ ଦିନ) ଗଫ୍ଫାର (କ୍ଷମାଶୀଳ), ସତ୍ତାର୍ (ଦୋଷକୁ ଘୋଡ଼ାଇଲା ବାଲା), ରହିମ ଓ କରିମ୍ (ଅଶେଷ ଦୟାବାନ୍ ଓ କରୁଣା)ର ପରିପ୍ରକାଶ ରୂପେ ଦୃଶ୍ୟମାନ ହେଉଥିଲେ । ଏପରି କୌଣସି ବ୍ୟକ୍ତି ନଥିଲା ଯିଏ ଆପଣ ସ.ଅଙ୍କୁ କ୍ଷମା ମାଗି ନଥିବି ଓ ଆପଣ ସ.ଅ ତା'କୁ କ୍ଷମା କରି ନଥିବେ । ଅର୍ଥାତ୍ ଆଁହଜରତ୍ ସ.ଅ ଯେଉଁ ବ୍ୟକ୍ତିର ସଂହାର ଆଦେଶ ଦେଇଥିଲେ ସେହି ବ୍ୟକ୍ତିକୁ ମଧ୍ୟ ଆପଣ ସ.ଅ କ୍ଷମା କରି ଦେଇଥିଲେ । ପୁନଶ୍ଚ ଉପରୋକ୍ତ ହଦିସ୍ ମଧ୍ୟ ବୁଖାରୀ ଓ ମୁସଲିମ୍‌ରେ ଉପସ୍ଥିତ ନାହିଁ। ଏହାକୁ ବାଦ୍‌ଦେଲେ ଉକ୍ତ ବର୍ଣ୍ଣନାଟି ବର୍ଣ୍ଣନାନୁକ୍ରମିକ ଦୃଷ୍ଟିରୁ ମଧ୍ୟ ବର୍ଣ୍ଣନା ବିରୁଦ୍ଧୀୟ ପ୍ରତିତ ହେଉଛି । କାରଣ ଆଁହଜରତ ସ.ଅ ଜଣେ ଦିଗ୍‌ବିଜୟୀ ସମ୍ରାଟ୍ ଥିଲେ। ଯଦି କୌଣସି ବ୍ୟକ୍ତିର ସଂହାରର ଆଦେଶ ଆବଶ୍ୟକୀୟ ଥିଲା ତେବେ ଆଁହଜରତ ସ.ଅଙ୍କୁ କାହାରିକୁ ଭୟ କରିବାର କ'ଣ ବା ଆବଶ୍ୟକତା ଥିଲା ? ଯେତେବେଳେ ହ. ଉସ୍‌ମାନ୍ ବିନ୍ ଅଫ୍ଫାନ୍ ଅବ୍‌ଦୁଲ୍ଲାଃ ବିନ୍ ସାଆଦ୍‌କୁ ଧରି ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ସେତେବେଳେ ଆପଣ ସ.ଅ ସ୍ପଷ୍ଟ କହିଦେଇ ଥାଆନ୍ତେ ଯେ, ନା ନା ଅବ୍‌ଦୁଲ୍ଲାଃ ବିନ୍ ସାଆଦ୍‌ର ଅପରାଧ ଏପରି ଅଟେ ଯେ, ତା'କୁ କ୍ଷମା କରାଯାଇ ପାରିବ ନାହିଁ । ଏହି ଦିନମାନଙ୍କରେ ବନୁ ମଖ୍‌ଜୁମାର ଜନୈକା (ଜଣେ) ମହିଳା ଉପରେ ମଧ୍ୟ ଏକ ଚୋରିର ମକଦ୍ଦମା ଦାଏର୍ ହୋଇଥିଲା। ଏହି ମକଦ୍ଦମା ଆଁହଜରତ ସ.ଅଙ୍କ ସମ୍ମୁଖରେ ଉପସ୍ଥାପିତ କରାଯାଇଥିଲା । ସେହି ମହିଳାର ବହୁତ ସୁପାରିଶ୍ ମଧ୍ୟ କରାଯାଇଥିଲା । ହ. ଉମ୍ମେ ସଲ୍‌ମା ର.ଅ ଏବଂ ହ. ଉସ୍ମାମା ବିନ୍ ଜୈଦ୍ ର.ଅ ମଧ୍ୟ ଏହି ମହିଳା ସଂପର୍କରେ ଆଁହଜରତ ସ.ଅଙ୍କ ସମ୍ମୁଖରେ ସୁପାରିଶ କଲେ ଏବଂ କ୍ଷମା ଯାଚନା କରିଥିଲେ । କିନ୍ତୁ ଆଁହଜରତ ସ.ଅ କୌଣସି ପ୍ରକାରର ସୁପାରିଶ୍‌କୁ ସ୍ୱୀକାର କରି ନଥିଲେ । ବରଂ ସମସ୍ତ ସୁପାରିଶ୍‌କୁ ଆପଣ ସ.ଅ ପ୍ରତ୍ୟାଖ୍ୟାନ କରି ସଂପୃକ୍ତ ମହିଳାର ହାତ କାଟିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଆଦେଶକୁ ଆପଣ ସ.ଅ କାଏମ୍ (ବଳବତ୍ତର) ରଖିଥିଲେ । ଯଦି ଅବ୍‌ଦୁଲ୍ଲାଃ ବିନ୍ ସାଆଦ୍‌ର ଅପରାଧ ଏତେ ସଙ୍ଗୀନ ଥିଲା ତେବେ ସ୍ପଷ୍ଟ କହି ଦିଆଯାଇ ଥାଆନ୍ତା ଯେ, ତା' କ୍ଷମାର କୌଣସି ପ୍ରଶ୍ନ ଉଠୁ ନାହିଁ । କିନ୍ତୁ ଏହା ବଦଳରେ ନବୀ କରୀମ୍ ସ.ଅଙ୍କ ଏପରି କୃତ୍ୟ ଇଙ୍ଗିତ କରିବା ଯାହା ସାଧାରଣ ଚାରିତ୍ରିକ ଶିଷ୍ଟତା ଏବଂ ବର୍ଣ୍ଣନାର ବିପରୀତ ହୁଏ ତେବେ ତାହା ଅସ୍ୱକୀରଯୋଗ୍ୟ ଅଟେ । ଅର୍ଥାତ୍ ଯେତେବେଳେ ଅବ୍‌ଦୁଲ୍ଲାଃ ବିନ୍ ସାଆଦ୍ ବୈଅତ୍ କରିବା ନିମନ୍ତେ ଆସିଗଲା ସେତେବେଳେ ନାଉଜୁବିଲ୍ଲାଃ ଆଁହଜରତ ସ.ଅ ନିରବ ରହିଲେ କି ଇତି ମଧ୍ୟରେ ଶୀଘ୍ର କୌଣସି ବ୍ୟକ୍ତି ଅବ୍‌ଦୁଲ୍ଲାଃ ବିନ୍ ସାଆଦର ସଂହାର କରିଦେଉ । ଯେତେବେଳେ ସାହାବାମାନେ ଏପରି କଲେ ନାହିଁ ସେତେବେଳେ ଆପଣ ସ.ଅ ସେମାନଙ୍କୁ ପ୍ରଶ୍ନ କଲେ ଯେ, ସେମାନେ ଅବ୍‌ଦୁଲ୍ଲାଃର ସଂହାର କାହିଁକି କଲେ ନାହିଁ ? ପ୍ରତ୍ୟୁତ୍ତରରେ ସାହବାମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ଅପଣ ସ.ଅ ଆମମାନଙ୍କୁ ଆଖି ଦ୍ୱାରା ଇଙ୍ଗିତ (ଠାରିଦେଲେ) କରିଦେଲେ ନାହିଁ କାହିଁକି ? ନାଉଜୁ ବିଲ୍ଲାଃ । ନାଉଜୁବିଲ୍ଲାଃ ତହିଁରୁ ଏହା ସିଦ୍ଧ ହୋଇଥାଏ ଯେ, ଆପଣ ସ.ଅ ମନରେ ଅବ୍‌ଦୁଲ୍ଲାଃ ବିନ୍ ସାଆଦର ସଂହାର ଚାହୁଁଥିଲେ । ଆଁହଜରତ ସ.ଅ ଏହା ଚାହୁଁଥିଲେ ଯେ, କୌଣସି ବ୍ୟକ୍ତି ଅବ୍‌ଦୁଲ୍ଲାଃର ସଂହାର ଲକରିଦେଉ । କିନ୍ତୁ ଆପଣ ସ.ଅ ଇଙ୍ଗିତ କଲେ ନାହିଁ । ଉକ୍ତ ବର୍ଣ୍ଣନାର ଗଠନ ହିଁ ଉକ୍ତ ଘଟଣାକୁ ରଦ୍ଦ କରିଥାଏ ।

ନବୀ କରୀମ୍ ସ.ଅଙ୍କ ମର୍ଯ୍ୟାଦା ହେଉଛି ସର୍ବୋଚ୍ଚ । ଆଁହଜରତ ସ.ଅ ସୀମା ନିର୍ଦ୍ଧାରଣ (ପାପ ଓ ପୁଣ୍ୟର ନିର୍ଦ୍ଧାରଣ) ସ୍ଥାପନ କରିବା ନିମନ୍ତେ ଶକ୍ତ ଚଟ୍ଟାଣ ପରି ଛିଡ଼ା ହୋଇଥିଲେ । ଆପଣ ସ.ଅ କାହାରିକୁ ଭ୍ରୁକ୍ଷେପ କରୁ ନଥିଲେ । କିନ୍ତୁ ଦୟା ଓ କ୍ଷମା ସମୟରେ ଆପଣ ସ.ଅ ରେଶମ ପରି ଅତି କୋମଳ ଥିଲେ । ଆପଣ ସ.ଅଙ୍କୁ କୌଣସି ପ୍ରକାରର କ୍ଷୋଭ, ଦୁଃଖ ଏବଂ ଅସୁବିଧା ହେଉ ନଥିଲା । ସେଇଥି ପାଇଁ ଅବ୍‌ଦୁଲ୍ଲାଃ ବିନ୍ ସାଆଦ୍ ର.ଅଙ୍କ ବୈଅତ୍ ସଂପର୍କରେ ଏହିପରି ବର୍ଣ୍ଣନାଗୁଡ଼ିକ ସ୍ଥାନେ ସ୍ଥାନେ ଦେଖାଯାଇଥାଏ ଏବଂ ଅନ୍ୟ କେତେକ ଇତିହାସବିତ୍ ଓ ଜୀବନୀ ଲେଖାଳୀମାନେ ମଧ୍ୟ ଏହାକୁ ସ୍ୱୀକାର କରିବାକୁ ଅସ୍ୱୀକାର କରି ଦେଇଛନ୍ତି ।

ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରୁତୁଲ୍ ମୁମିନୁନ୍‌ର ଆୟତ୍ ସଂଖ୍ୟା 15ର ବ୍ୟାଖ୍ୟା କରି ଉକ୍ତ ଘଟଣାର ଚର୍ଚ୍ଚା କରିଛନ୍ତି ଯେ, "ଉକ୍ତ ଆୟତ୍ ସହିତ ଏକ ଐତିହାସିକ ଘଟଣା ମଧ୍ୟ ସଂଶ୍ଳିଷ୍ଟ ରହିଛି । ସେହି ଘଟଣା ଏଠାରେ ବର୍ଣ୍ଣନା କରିଦେବା ଆବଶ୍ୟକ ବୋଲି ମନେହେଉଛି । ଆପଣ ର.ଅ ଉଲ୍ଲେଖ କରି କୁହନ୍ତି: "ରସୂଲ୍ କରୀମ୍ ସ.ଅଙ୍କର ଜଣେ କାତିବେ ୱହି (ଐଶୀବାଣୀ ଲିପିକାର) ଥିଲା । ଯାହାର ନାମ ଅବ୍‌ଦୁଲ୍ଲାଃ ବିନ୍ ଅବି ସରହ୍ ଥିଲା । ଆପଣ ସ.ଅଙ୍କ ଉପରେ ଯେତେବେଳେ କୌଣସି ଐଶୀବାଣୀ ଅବତୀର୍ଣ୍ଣ ହେଉଥିଲା ସେତେବେଳେ ଆପଣ ସ.ଅ ସେହି ଲିପିକାରକୁ ଡକାଇ ଐଶୀବାଣୀ ଲେଖାଇ ନେଉଥିଲେ । ଦିନେ ଆପଣ ଏହି ଆୟତ୍ ଲେଖାଉଥିଲେ ଅର୍ଥାତ୍ ଆପଣ ସ.ଅ ଯେତେବେଳେ ثُمَّ اَنْشَأْنٰهُ خَلْقًا اٰخَرَ ଠାରେ ପହଞ୍ଚିଲେ ସେତେବେଳେ ଅବ୍‌ଦୁଲ୍ଲାଃର ପାଟିରୁ ସହସା ଏହା ବାହାରି ପଡ଼ିଲା ଯେ, فَتَبٰرَكَ اللّٰهُ اَحْسَنُ الْخٰلِقِيْنَ । ରସୁଲୁଲ୍ଲାଃ ସ.ଅ କହିଲେ, ହେ ଅବ୍‌ଦୁଲ୍ଲାଃ ! ଏହି ଐଶୀବାଣୀକୁ ମଧ୍ୟ ଲେଖିନିଅ । ସେହି ହତଭାଗ୍ୟ ଏହା ଭାବିଲା ନାହିଁ ଯେ, ପୂର୍ବ ଆୟତ୍‌ର ଫଳରେ ଏହି ଆୟତ୍ ସ୍ୱତଃସ୍ଫୂତଃ ରୂପେ ତିଆରି ହୋଇ ଯାଇଥାଏ । ସେ ଏହା ଭାବିଲା ଯେ, ଯେପରି ମୋ ମୁଖରୁ ଏହି ଆୟତ୍ ନିସୃତ (ବାହାରିଛି) ହୋଇଛି ଓ ରସୁଲୁଲ୍ଲାଃ ସ.ଅ ଉକ୍ତ ଆୟତ୍‌କୁ ଐଶୀବାଣୀ ବୋଲି ବିବେଚିତ କରିଛନ୍ତି । ଠିକ୍ ସେହିପରି ଆପଣ ସ.ଅ **ନାଉଜୁବିଲ୍ଲାଃ** ସ୍ୱୟଂ ସମସ୍ତ କୁରଆନ୍ ନିଜେ ତିଆରି କରୁଚନ୍ତି। ସୁତରାଂ ସେ ଅର୍ଥାତ୍ ଅବ୍‌ଦୁଲ୍ଲାଃ ବିନ୍ ଅବି ସରାହ୍ ଇସଲାମ୍ ଧର୍ମରୁ ୱହରିଗଲା ଏବଂ ମକ୍କା ଚାଲିଗଲା । "

ହୁଜୁର ର.ଅ କହିଲେ, "ମକ୍କା ବିଜୟ ଅବସରରେ ଯେଉଁ ଲୋକମାନଙ୍କୁ ବଧ ବା ସଂହାର କରିବା ନିମନ୍ତେ ଆଁହଜରତ ସ.ଅ ଆଦେଶ ଦେଇଥିଲେ ତନ୍ମଧ୍ୟରେ ଅବ୍‌ଦୁଲ୍ଲାଃ ବିନ୍ ଅବି ସରାହ୍‌ର ନାମ ମଧ୍ୟ ରହିଥିଲା । କିନ୍ତୁ ହ. ଉସ୍‌ମାନ୍ ବିନ୍ ଅଫ୍ଫାନ୍ ର.ଅ ଅବ୍‌ଦୁଲ୍ଲାଃକୁ ଆଶ୍ରୟ ପ୍ରଦାନ କରିଥିଲେ ଏବଂ ହ. ଉସ୍‌ମାନ୍ ବିନ୍ ଅଫ୍ଫାନ୍ ର.ଅଙ୍କ ଘରେ ତିନି ଦିନ ପର୍ଯ୍ୟନ୍ତ ଲୁଚି ରହିଲା । ଦିନେ ରସୂଲ୍ କରୀମ୍ ସ.ଅ ମକ୍କାବାସୀଙ୍କର ବୈଅତ୍ ନେଉଥିଲେ । ହ. ଉସ୍‌ମାନ୍ ବିନ୍ ଅଫ୍ଫାନ୍ ର.ଅ ଅବ୍‌ଦୁଲ୍ଲାଃ ବିନ୍ ଅବି ସରାହ୍‌କୁ ମଧ୍ୟ ଆପଣ ସ.ଅଙ୍କ ସେବାରେ ଉପସ୍ଥାପିତ କଲେ ଓ ତା'ର ବୈଅତ୍ ସ୍ୱୀକାର କରିବା ନିମନ୍ତେ ଆଁହଜରତ ସ.ଅଙ୍କୁ ଅନୁରୋଧ କଲେ । ରସୂଲ୍ କରୀମ୍ ସ.ଅ ପ୍ରଥମେ ତ' କିଛି ବିଳମ୍ବ କଲେ । କିନ୍ତୁ ପରିଶେଷରେ ଆପଣ ସ.ଅ ତା'ର (ଅବ୍‌ଦୁଲ୍ଲାଃର) ବୈଅତ୍ ସ୍ୱୀକାର କରିନେଲେ । ଏହିପରି ଭାବରେ ଅବ୍‌ଦୁଲ୍ଲାଃ ବିନ୍ ଅବି ସରାହ୍ ପୁନଃ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେଲା ।"

**(ତଫ୍‌ସିର୍ କବିର୍, ଭାଗ-6, ପୃ-139, ସଂସ୍କରଣ ବର୍ଷ-2004 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅବ୍‌ଦୁଲ୍ଲାଃ ବିନ୍ ଅବି ସରାହ୍ ସଂକ୍ରାନ୍ତରେ ଏହା ଉଲ୍ଲେଖ ରହିଛି ଯେ, ଅବ୍‌ଦୁଲ୍ଲାଃ ବିନ୍ ଅବି ସରାହ୍ ପରବର୍ତ୍ତୀ ସମୟରେ ଇସ୍‌ଲାମ୍ ଧର୍ମରେ ଅନନ୍ୟ ସେବା ସମ୍ପନ୍ନକାରୀ ସାହାବାମାନଙ୍କ ମଧ୍ୟରେ ଗଣ୍ୟ ହେଲେ । ଆପଣ ମିସର୍‌ର ଗଭର୍ଣ୍ଣର ମଧ୍ୟ ରହିଥିଲେ । ଆଫ୍ରିକାର ଏକ ଅଞ୍ଚଳକୁ ଆପଣ ଜୟ କିରଥିଲେ । ହ. ଉସ୍‌ମାନ୍ ର.ଅଙ୍କ ଶାହାଦତ୍ ପରେ ଅବ୍‌ଦୁଲ୍ଲାଃ ଉପଦ୍ରବରୁ ପୃଥକ୍ ହୋଇଗଲେ । କିନ୍ତୁ ହ. ଅବ୍‌ଦୁଲ୍ଲାଃ ବିନ୍ ଅବି ସରାହ୍ ହ. ଉସ୍‌ମାନ୍ ବିନ୍ ଅଫ୍ଫାନ୍ ର.ଅଙ୍କ ରିଜାଇ ଭାଇଥିଲେ । ତାଙ୍କ ସଂପର୍କରେ ଏହା କୁହାଯାଏ ଯେ, ସେ ଏହି ଦୁଆ (ପ୍ରାର୍ଥନା) କରିଥିଲେ ଯେ, ତାଙ୍କର ଶେଷ କାର୍ଯ୍ୟ ନମାଜ୍ ହେଉ । ସୁତରାଂ ଦିନେ ସେ ଫଜର୍ ନମାଜ୍ ନିମନ୍ତେ ଛିଡ଼ା ହେଲେ ଏବଂ ନମାଜ୍ ସମାପ୍ତ କରି ଦକ୍ଷିଣ ପାର୍ଶ୍ୱରେ ସଲାମ୍ କହିଲେ ଏବଂ ବାମ ପାର୍ଶ୍ୱରେ ସଲାମ୍ କହିବାକୁ ଲାଗିଥିଲେ କି ତାଙ୍କର ଅକାଳ ବିୟୋଗ ହୋଇଗଲା । 36 କିମ୍ବା 37 ହିଜରୀରେ ତାଙ୍କର ବିୟୋଗ ହୋଇଥିଲା ।

**(ଉସ୍‌ଦୁଲ୍ ଗାବା, ଭାଗ-3, ପୃ-260-261, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଇକ୍ରମା ବିନ୍ ଅବି ଜହଲ୍‌ର ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବାର ଚର୍ଚ୍ଚା ରହିଛି । ଇକ୍ରମା ବିନ୍ ଅବୁ ଜହଲ୍ ସେହି ଲୋକମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ ଯାହାଙ୍କ ସଂହାର ସଂପର୍କରେ ନବୀ କରୀମ୍ ସ.ଅ ମକ୍କା ବିଜୟ ଅବସରରେ ଆଦେଶ ଜାରି କରିଥିଲେ । ଇକ୍ରମା ଓ ତା'ର ପିତା ନବୀ କରୀମ୍

### ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ଠାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family,
Jamat Ahmadiya Kardapalli (Odisha)

ସ.ଅଙ୍କୁ ବହୁ ଦୁଃଖ କଷ୍ଟ ଦେଉଥିଲା ଏବଂ ସେ ମୁସଲମାନମାନଙ୍କ ଉପରେ ମଧ୍ୟ ବହୁତ ଅତ୍ୟାଚାର କରୁଥିଲା । ଯେତେବେଳେ ତା'କୁ ଏହା ଜ୍ଞାତ ହେଲା ଯେ, ରସୁଲୁଲ୍ଲାଃ ସ.ଅ ତା'ର ରକ୍ତପାତ ଅର୍ଥାତ୍ ସଂହାର ନିମନ୍ତେ ଆଦେଶ ଦେଇଛନ୍ତି ସେତେବେଳେ ସେ ୟମନ୍ ଆଡ଼କୁ ପଳାୟନ କଲା । ଏସବୁ ସତ୍ତ୍ୱେ ଇସଲାମ୍ ଧର୍ମର ଶତ୍ରୁତା ପ୍ରଦର୍ଶନ କରିବାକୁ ଯାଇ ସେ ନିଜର ପିତାଙ୍କୁ ମଧ୍ୟ ପଛରେ ପକାଇ ଦେଇଥିଲା । ସମ୍ଭବତଃ ସେଇଥିପାଇଁ ତା'ର ସଂହାରର ଆଦେଶ ଦିଆଯାଇଥିବା ହେଲେ ଏହା କଳନା କରାଯାଇପାରେ ଯେ, ମକ୍କାର ସେହି ଧନାଢ୍ୟ ଏବଂ ଅଧିପତିମାନେ ଯେଉଁମାନେ ଇସ୍‌ଲାମ୍ ଧର୍ମର ବିରୋଧ ପ୍ରଦର୍ଶନରେ ସର୍ବଦା ବ୍ୟସ୍ତ ରହୁଥିଲେ ଏବଂ ପ୍ରତ୍ୟେକ ଦିନ ସେମାନେ ଇସଲାମ୍ ଧର୍ମ ଓ ଆଁହଜରତ ସ.ଅଙ୍କ ବିରୁଦ୍ଧରେ ଯୋଜନା ପ୍ରସ୍ତୁତ କରୁଥିଲେ । ମକ୍କା ବିଜୟ ଦିନ ସେ (ଇକ୍ରମା) ସ୍ୱୟଂ ଏହା ଭାବି ନେଇଥାଇ ପାରେ ଯେ, ତା'ର କର୍ମ ଏପରି ଅଟେ ଯେ, କୌଣସି ମତେ ତାହାକୁ କ୍ଷମା କରାଯାଇ ପାରିବ ନାହିଁ । ଅର୍ଥାତ୍ ଅପରାଧ ଅକ୍ଷମଣୀୟ ଅଟେ । ସମ୍ଭବତଃ ତା'ର ମଧ୍ୟ ସଂହାର କରିଦିଆଯିବ । ଅତଏବ୍ ଏହା ଭାବି ସେମାନେ ସେହି ଅବିଶ୍ୱାସକାରୀ ଧନାଢ୍ୟ ବ୍ୟକ୍ତି ଏବଂ ଅଧିପତିମାନେ ସେଠାରୁ ପଳାୟନ କଲେ ଏବଂ ବାସ୍ତବରେ ନବୀ କରୀମ୍ ସ.ଅଙ୍କ ଅସୀମ ଦୟା, କ୍ଷମା ସଂପର୍କରେ ତ' କେହି ଆଶା ହିଁ କରିପାରିବ ନାହିଁ । ସେଇଥି ପାଇଁ ସେ ଅର୍ଥାତ୍ ଇକ୍ରମା ଏହା ଉଚିତ୍ ବୋଲି ମନେକଲା ଯେ, ଏଠାରୁ ଜୀବନ ନେଇ ପଳାୟନ କରିବା ଅଧିକ ଶ୍ରେୟସ୍କର ହେବ । କିନ୍ତୁ ସେହି ଅପରାଧୀମାନଙ୍କୁ ଯେମିତି ଯେମିତି ଆଁହଜରତ ସ.ଅଙ୍କ ଅସୀମ ଦୟା, ଓ କ୍ଷମା ସଂପର୍କରେ ଜ୍ଞାତ ହୋଇ ଚାଲିଲା ସେତେବେଳେ ସେମାନେ ମକ୍କାରେ ଆଁହଜରତ ସ.ଅଙ୍କ ଆଡ଼କୁ ଫେରି ଆସିଲେ ଏବଂ ଆକର୍ଷିତ ହୋଇ ଚାଲି ଆସିଲେ। ସେମାନେ ହୁଜୁର ସ.ଅଙ୍କ ସମ୍ମୁଖରେ ଉପସ୍ଥାପିତ ହେଲେ। ସେ ଯାହା ହେଉ ଇକ୍ରମା ମଧ୍ୟ ସେହି ଅପରାଧୀମାନଙ୍କ ମଧ୍ୟରୁ ଅନ୍ୟତମ ଥିଲା ଯିଏ ମକ୍କା ବିଜୟ ଅବସରରେ ମଧ୍ୟ ଇସ୍‌ଲାମୀୟ ସୈନ୍ୟବାହିନୀର ମାର୍ଗରେ ବାଧ ସାଜିଥିଲା । ସେ ନିଜ ସହିତ ଏକ ସୈନ୍ୟଦଳକୁ ଏକତ୍ରିତ କଲା, ଯହିଁରେ ମକ୍କାର ବୀର ଯୁବକମାନେ ମଧ୍ୟ ସାମିଲ୍ ଥିଲେ । ସେହି ସୈନ୍ୟବାହିନୀ ମଧ୍ୟରେ ସୁହେଲ୍ ବିନ୍ ଅମ୍ର, ସଫ୍‌ୱାନ୍ ବିନ୍ ଉମୈୟାହ ଇତ୍ୟାଦି ଯୁବକମାନେ ସାମିଲ୍ ଥିଲେ । ସେମାନେ ଖଡ଼୍ଗ ବାହାର କଲେ ଏବଂ କହିଲେ, ଆମାମେନ ମୁସଲମାନମାନଙ୍କୁ ମକ୍କାରେ ପ୍ରବେଶ କରିବାକୁ ଦେବୁ ନାହିଁ । ଏହି ସୈନ୍ୟଦଳ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କ ସୈନ୍ୟବାହିନୀ ସହିତ ମୁହାଁମୁହିଁ ହେଲେ ଏବଂ ଉଭୟ ସୈନ୍ୟବାହିନୀ ମଧ୍ୟରେ ଭଲ ଭାବରେ ମୁକାବିଲା କଲେ । କିନ୍ତୁ ନିଜର 20 ଜଣ ଯୁବକଙ୍କ ନିହତ ହେବା ପରେ ଏହି ମସସ୍ତ ଯୁବକମାନେ ସେଠାରୁ ପଳାୟନ କଲେ ଏବଂ ସୁହେଲ୍, ସଫ୍‌ୱାନ୍ ଓ ଇକ୍ରମା ଆଦି ତିନି ଯୁବକମାନେ ମକ୍କାରୁ ପଳାୟନ କଲେ । ଐତିହାସିକ ବର୍ଣ୍ଣନାନୁଯାୟୀ ଇକ୍ରମା ସମୁଦ୍ର ପଥ ଦେଇ ୟମନ୍ ଯିବା ନିମନ୍ତେ ନିଷ୍ପତ୍ତି ନେଲା । ଇକ୍ରମାର ପତ୍ନି ଉମ୍ମେ ହକିମ୍ ବିନତ୍ ହାରିସ୍ ବିନ୍ ହିଶ୍ଶାମ୍ ଯେକି କୁରେଶୀୟ ଅଧିପତିର କନ୍ୟା ଥିଲା ସେ ହିନ୍ଦ୍ ବିନତ୍ ଉତବା ଓ ମକ୍କାର ଅନ୍ୟାନ୍ୟା ସମ୍ମାନିତ ମହିଳାମାନଙ୍କ ସହିତ ମକ୍କାର ବିଜୟ ଦିନ ମିଳିତ ଭାବରେ ବୈଅତ୍ କରିଥିଲା । ହକିମ୍ ବିନତ୍ ହାରିସ୍ ବିନତ୍ ହିଶ୍ଶାମ୍‌କୁ ଯେତେବେଳେ ଏହା ଜ୍ଞାତ ହେଲା ଯେ, ତା'ର ସ୍ୱାମୀ ଇକ୍ରମା ସଂହାର ଭୟରେ ୟମନ୍ ଆଡ଼କୁ ପଳାୟନ କରୁଛି ସେତେବେଳେ ସେ ଅର୍ଥାତ୍ ଇକ୍ରମାର ପତ୍ନି ହକିମ୍ ବିନତ୍ ହାରିସ୍ ନବୀ କରୀମ୍ ସ.ଅଙ୍କ ସେବାରେ ଉପସ୍ଥିତ ହେଲା ଏବଂ ନିଜ ସ୍ୱାମୀ ନିମନ୍ତେ ଆପଣ ସ.ଅଙ୍କ ସମକ୍ଷରେ କ୍ଷମା ଯାଚନା କଲା । ଏତଦପରେ ଆଁହଜରତ ସ.ଅ କହିଲ, ହେ ଇକ୍ରମାର ପତ୍ନି ତୁମେ ସ୍ୱାମୀନ ଶାନ୍ତିରେ ଓ ସୁରକ୍ଷିତ ଅଟନ୍ତି । ସୁତରାଂ ଇକ୍ରମାର ସ୍ତ୍ରୀ ନିଜର ଦାସକୁ ଧରି ଜଦ୍ଦାହ୍ ଅଭିମୁଖେ ବାହାରି ପଡ଼ିଲା। ଯେତେବେଳେ ଇକ୍ରମା ଡଙ୍ଗା ଉପରେ ଆରୋହଣ ହେଉଥିଲା ସେତେବେଳେ ସେ ଇକ୍ରମାର ପତ୍ନି ଇକ୍ରମାକୁ ସମୁଦ୍ର ଉପକୂଳରେ ପାଇଲା । ସେହିପରି ଅନ୍ୟ ଏକ କଥନ ଅନୁଯାୟୀ ଇକ୍ରମାର ସ୍ତ୍ରୀ ଇକ୍ରମାକୁ ସେତେବେଳେ ଖୋଜି ପାଇଲା ଯେତେବେଳେ ସେ ଡଙ୍ଗା ଉପରେ ଅରୋହଣ ହୋଇ ସାରିଥିଲା । ସେ ଇକ୍ରମାକୁ ଏହା କହି ଅଟକାଇ ଦେଲା ଯେ, ହେ ମୋ ଚଚାଙ୍କ ପୁତ୍ର (ଅର୍ଥାତ୍ ହେ ମୋର ସ୍ୱାମୀ)! ମୁଁ ତୁମ ନିକଟକୁ ସେହି ବ୍ୟକ୍ତିଙ୍କ ତରଫରୁ ଆସିଅଛି ଯିଏ ଲୋକମାନଙ୍କ ମଧ୍ୟରେ ସର୍ବାଧିକ ସଂଯୋଜକ (ଯୋଗସୂତ୍ର ରକ୍ଷାକାରୀ), ଲୋକମାନଙ୍କ ମଧ୍ୟରୁ ସର୍ବାଧିକ ଶୁଭେଚ୍ଛୁ ଅଟନ୍ତି । ତୁମେ ନିଜର ଜୀବନକୁ ଧ୍ୱଂସମୁଖରେ ପକାଅ ନାହିଁ। କାରଣ ମୁଁ ଆଁହଜରତ ସ.ଅଙ୍କ ନିକଟରୁ ତୁମ ନିମନ୍ତେ ଶାନ୍ତି ଓ ଜୀବନ ଭିକ୍ଷା ମାଗି ସାରିଛି । ପ୍ରତ୍ୟୁତ୍ତରରେ ସେ ନିଜର ପତ୍ନି ସହିତ ଫେରି ଆସିଲା ଏବଂ ସେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେଲା ଏବଂ ତା'ର ଇସ୍‌ଲାମ୍ ଧର୍ମ ବେଶ୍ ସୁନ୍ଦର ରହିଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଯେତେବେଳେ ଇକ୍ରମା ରସୁଲୁଲ୍ଲାଃ ସ.ଅଙ୍କ ସେବାରେ ଉପସ୍ଥିତ ହେଲା ସେତେବେଳେ ସେ କହିଲା, ହେ ମୁହମ୍ମଦ ସ.ଅ ! ମୋର ପତ୍ନି ମୋତେ ଏକଥା କହିଛି ଯେ, ଆପଣ କୁଆଡ଼େ ମୋତେ ସୁରକ୍ଷା ପ୍ରଦାନ କରିଛନ୍ତି ? ଅର୍ଥାତ୍ ଅବିଶ୍ୱାସକାରୀ ଅବସ୍ଥାରେ ହିଁ ମୋତେ ମକ୍କାରେ ରହିବା ନିମନ୍ତେ ଅନୁମତି ପ୍ରଦାନ କରିଛନ୍ତି । ଅର୍ଥାତ୍ ମୁଁ ମସୁଲମାନ ନ ହୋଇ ମଧ୍ୟ ମକ୍କାରେ ରହି ପାରିବି । ଆପଣ ସ.ଅ କହିଲେ, ହେ ଇକ୍ରମା ! ତୁ ସତ୍ୟ କହିଛୁ । ନିଃସନ୍ଦେହ ତୁ ଶାନ୍ତି ଓ ସୁରକ୍ଷିତ ଅଟୁ । ପ୍ରତ୍ୟୁତ୍ତରରେ ଇକ୍ରମା କହିଲା, ହେ ମୁହମ୍ମଦ୍ ସ.ଅ ମୁଁ ସାକ୍ଷ୍ୟ ଦେଉଅଛି ଯେ, ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କେହି ବି ଉପାସନା ଯୋଗ୍ୟ ନୁହନ୍ତି । ସେ ଏକ ଓ ଅଦ୍ୱିତୀୟ ଅଟନ୍ତି । ତାହାଙ୍କର କେହି ବି ସମକକ୍ଷ ନାହାନ୍ତି, ଆପଣ ସ.ଅ ସେହି ପରମେଶ୍ୱରଙ୍କ ଭକ୍ତ ଓ ତାହାଙ୍କ ବାର୍ତ୍ତାବହ ଅଟନ୍ତି । ଇକ୍ରମା ଲଜ୍ଜିତ ହୋଇ ନତ ମସ୍ତକ ହୋଇଗଲା ଏବଂ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେଲା ।

ପୁନଶ୍ଚ ରସୁଲୁଲ୍ଲାଃ ସ.ଅ ଇକ୍ରମାକୁ କହିଲେ, ହେ ଇକ୍ରମା ! ତୁ ଆଜି ମୋତେ ଯେଉଁ ବର ମାଗିବୁ ମୁଁ ଯଦି ସାମର୍ଥ୍ୟ ରଖିଥିବି ତେବେ ମୁଁ ତୋତେ ସେହି ବର ପ୍ରଦାନ କରିବି । ଇକ୍ରମା କହିଲା, ହେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ! ଆପଣ ସ.ଅ ମୋର ପ୍ରତ୍ୟେକ ଶତ୍ରୁତା ନିମନ୍ତେ ଦୁଆ କରନ୍ତୁ ଯେଉଁ ଶତ୍ରୁତା ମୁଁ ଆପଣ ସ.ଅଙ୍କ ପ୍ରତି ପ୍ରଦର୍ଶନ କରିଥିଲି । ପ୍ରତ୍ୟୁତ୍ତରରେ ଆଁହଜରତ ସ.ଅ ଏହି ଦୁଆ କଲେ ଯେ, ହେ ଅଲ୍ଲାଃ ! ଇକ୍ରମା ମୋ ପ୍ରତି ଯେଉଁ ଶତ୍ରୁରା ପ୍ରଦର୍ଶନ କରିଥିଲା ତୁମ୍ଭେ ଇକ୍ରମାର ପ୍ରତ୍ୟେକ ସେହି ଶତ୍ରୁତାକୁ (ଅପରାଧକୁ) କ୍ଷମା ପ୍ରଦାନ କରିଦିଅ । ସେହିପରି ହେ ଅଲ୍ଲାଃ ! ଇକ୍ରମା ମୋ ପ୍ରତି ଯେଉଁ ଅସଦାଚରଣ ପ୍ରଦର୍ଶନ କରୁଥିଲା ତୁମ୍ଭେ ଇକ୍ରମାର ସେହି ଅସଦାଚରଣକୁ ମଧ୍ୟ କ୍ଷମା କରିଦିଅ । ପୁନଶ୍ଚ ରସୁଲ୍ କରୀମ୍ ସ.ଅ ଅନନ୍ଦ ସହକାରେ ନିଜର ଚଦର ଇକ୍ରମା ଉପରେ ପକାଇଦେଲେ ଏବଂ କହିଲେ, ହେ ଇକ୍ରମା ! ତୁମକୁ ମୁଁ ସ୍ୱାଗତ ଜଣାଉଛି । ମୁଁ ସ୍ୱାଗତ ଜଣାଉଛି ସେହି ବ୍ୟକ୍ତିକୁ ଯିଏ ପ୍ରବାସ କରିବା ଅବସ୍ଥାରେ ବିଶ୍ୱାସ ଆଣିଲା ଏବଂ ପ୍ରବାସ କରୁଥିବା ଅବସ୍ଥାରେ ଆମ ପାଖକୁ ଆସିଲା । ଅର୍ଥାତ୍ ତୁମେ ହେଉଛ ସେହି ବ୍ୟକ୍ତି ଯିଏ ବିଶ୍ୱାସ ଆଣିଛି ଅର୍ଥାତ୍ ଇସଲାମ୍ ଧର୍ମ ସ୍ୱୀକାର କରିଛି ଏବଂ ପ୍ରବାସ କରିବା ଅବସ୍ଥାରେ ତୁମେ ଆମ ପାଖକୁ ଆସିଲ । **(ସିରତୁଲ୍ ହଲବିୟାହ୍, ଭାଗ-3, ପୃ-132, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-5, ପୃ-227-228, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍) (ଫତହୁଲ୍ ବାରି, ଭାଗ-8, ପୃ-13, କିତାବୁଲ୍ ମୁଗାଜି, ହଦିସ୍ ନଂ-4280, ଆରାମା ବାଗ୍ କରାଚୀ) (ଉସଦୁଲ୍ ଗାବା, ଭାଗ-4, ପୃ-67, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ମକ୍କା ବିଜୟ, ଲେଖକ-ବାଶମିଲ୍, ପୃ-307, 327-328, ନଫିସ୍ ଏକାଡ଼େମୀ, କରାଚୀ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଇକ୍ରମାର ବିଶ୍ୱାସ ଆଣିବା ଦ୍ୱରା ଏକ ଭବିଷ୍ୟବାଣୀ ସଂପୂର୍ଣ୍ଣ ହେବାର ଚର୍ଚ୍ଚା ମଧ୍ୟ ମିଳେ । ଉକ୍ତ ଭବିଷ୍ୟବାଣୀର ଚର୍ଚ୍ଚା ହ. ମୁସ୍‌ଲେହ୍ ମଉଦ୍ ର.ଅ କରିଛନ୍ତି । ଆପଣ ର.ଅ କୁହନ୍ତି: "ଇକ୍ରମାର ବିଶ୍ୱାସ ଆଣିବା ଦ୍ୱାରା ସେହି ଭବିଷ୍ୟବାଣୀ ସଂପୂର୍ଣ୍ଣ ହୋଇଗଲା ଯେଉଁ ଭବିଷ୍ୟବାଣୀ ବର୍ଷ ବର୍ଷ ଧରି ପୂର୍ବେ ମୁହମ୍ମଦ ସ.ଅ ନିଜର ସାହାବାମାନଙ୍କ ସମ୍ମୁଖରେ ବର୍ଣ୍ଣନା କରିଥିଲେ । ଅର୍ଥାତ୍ ଆପଣ ସ.ଅ ସ୍ୱପ୍ନରେ ଦେଖିଥିଲେ ଯେ, ମୁଁ ସ୍ୱର୍ଗରେ ଅଛି ଏବଂ ସେଠାରେ ଏକ ଅଙ୍ଗୁର ପେଣ୍ଡାକୁ ମୁଁ ଦେଖିଲି ଓ ଲୋକମାନଙ୍କୁ ମୁଁ ପଚାରିଲି ଯେ, ହେ ଲୋକମାନେ ଏହି ଅଙ୍ଗୁର ପେଣ୍ଡା କାହା ପାଇଁ ? ତେବେ ଉତ୍ତର ପ୍ରଦାନକାରୀ ବ୍ୟକ୍ତି ଜଣକ କହିଲା, ଏହି ଅଙ୍ଗୁର୍ ପେଣ୍ଡା ଅବୁ ଜହଲ୍ ନିମନ୍ତେ ଉଦ୍ଦିଷ୍ଟ ଅଟେ । ଆଁହଜରତ ସ.ଅ କହିଲେ, ଉକ୍ତ କଥା ତ' ମୋତେ ବଡ଼ ଆଶ୍ଚର୍ଯ୍ୟକର ପ୍ରତିତ ହେଲା । ମୁଁ କହିଲି, ବୈକୁଣ୍ଠ ପୁରରେ ତ' ବିଶ୍ୱାସକାରୀମାନଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ପ୍ରବିଷ୍ଟ (ପ୍ରବେଶ କରିପାରିବ ନାହିଁ) ହୋଇ ନଥାଏ । କିନ୍ତୁ ଅବୁ ଜହଲ୍ ନିମନ୍ତେ ଏହି ଅଙ୍ଗୁର୍ ପେଣ୍ଡା ଲକିପରି ଉପଲବ୍ଧ ହେଲା ? ଅତଏବ୍ ଇକ୍ରମା ଯେତେବେଳେ ବିଶ୍ୱାସ ଆଣିଲା ସେତେବେଳେ ଆପଣ ସ.ଅ କହିଲେ, ହେ ସାହାବାମାନେ ! ସେହି ଅଙ୍ଗୁର ପେଣ୍ଡାର ତାତ୍ପର୍ଯ୍ୟ ହେଉଛି ଇକ୍ରମା । ଈଶ୍ୱର ପିତାଙ୍କ ବଦଳରେ ପୁତ୍ରଙ୍କ ନାମକୁ ପ୍ରକାଶ କଲେ । ଯେପରିକି ସ୍ୱପ୍ନ ବିଦ୍ୟାରେ ଅନେକ ସମୟରେ ଏପରି ହୋଇଥାଏ।"**(ଦିବାଚା ତଫ୍‌ସିରୁଲ୍ କୁରଆନ୍, ଅନ୍‌ୱାରୁଲ୍ ଉଲୁମ୍, ଭାଗ-20, ପୃ-**

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

**350, ପ୍ରଥମ ସଂସ୍କରଣ)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ହବ୍‌ବାର୍ ବିନ୍ ଅସ୍‌ୱଦର ପଳାୟନ କରିବା ଓ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବାର ଘଟଣା ରହିଛ । ଏଥି ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, ଅଶିକ୍ଷିତ ଯୁଗରେ ହବ୍‌ବାର ଆଳଂକାରିକ ଭାଷୀ ଏବଂ ଆଳଂକାରିକ ବିଦ୍ୱାନ୍ ଥିଲା ଏବଂ ଲୋକମାନଙ୍କୁ ରସୁଲୁଲ୍ଲାଃ ସ.ଅଙ୍କ ବିପକ୍ଷରେ ଏକତ୍ରିତ କରୁଥିଲା। ସେହିପରି ସେ ଜଣେ ଦୁଷ୍ଚରିତ୍ର ବ୍ୟକ୍ତି ଥିଲା । ଆଁହଜରତ୍ ସ.ଅଙ୍କ ସୁପୁତ୍ରୀ ହ. ଜୈନବ୍ ର.ଅ ଯେତେବେଳେ ମଦିନା ଆଡ଼କୁ ପ୍ରବାସ କଲେ ସେତେବେଳେ ସେ ଗର୍ଭବତୀ ଥିଲେ । ହବ୍‌ବାର୍ ବିନ୍ ଅସ୍‌ୱଦ୍ ଓଟକୁ ହୁଡ଼ରେଇ ଦେଲା । ଯଦ୍ୱାରାକି ହ. ଜୈନବ୍ ର.ଅ ଓଟ ଉପରୁ ତଳେ ପଡ଼ିଗଲେ । ଫଳତଃ ତାଙ୍କର ଗର୍ଭପାତ ହୋଇଗଲା । ଏହି କାରଣରୁ ହ. ଜୈନବ୍ ର.ଅ ଶେଷ ସମୟ ପର୍ଯ୍ୟନ୍ତ ଅସୁସ୍ଥ ରହିଥିଲେ । ରସୁଲୁଲ୍ଲାଃ ର.ଅ ହବ୍‌ବାର୍ ବଧ କରିବା ନିମନ୍ତେ ଆଦେଶ ଦେଇଥିଲେ । ଆପଣ ସ.ଅ କହିଲେ, ହେ ସାହାବାମେନ ! ହବ୍‌ବାର୍ ଯେଉଁଠି ବି ମିଳିବ ତା'ର ସଂହାର କରିଦିଅ । ମକ୍କା ବିଜୟ ସମୟରେ ହବ୍‌ବାର୍ ଏହି ଭୟରୁ ମକ୍କାରୁ ପଳାୟନ କଲା ଓ ଜଙ୍ଗଲରେ ଲୁଚି ରହିଲା । ମକ୍କା ବିଜୟ ପରେ ଯେତେବେଳେ ଆଁହଜରତ ସ.ଅ ମଦିନା ପ୍ରତ୍ୟାବର୍ତ୍ତନ କଲେ ସେତେବେଳେ ହବ୍‌ବାର୍ ପୁନଃ ରସୁଲୁଲ୍ଲାଃ ସ.ଅଙ୍କ ସେବାରେ ଉପସ୍ଥିତ ହେଲା । ଯେତେବେଳେ ସେ ଆଁହଜରତ ସ.ଅଙ୍କ ସେବାର ଉପସ୍ଥିତ ହେଲା ସେତେବେଳେ ସାହାବାମାନେ ତା'କୁ ଦେଖି ପକାଇଲେ । ସାହାବାମାନେ ହୁଜୁର ର.ଅଙ୍କୁ କହିବାକୁ ଲାଗିଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ହବ୍‌ବାର୍ ଆସୁଛି । ଆପଣ ସ.ଅ କହିଲେ, ହଁ  ମୁଁ ବି ଦେଖି ନେଇଛି । ହବ୍‌ବାବ୍‌କୁ କିଛି କୁହ ନାହିଁ । ହବ୍‌ବାର୍ ଯେତେବେଳେ ଆଁହଜରତ ସ.ଅଙ୍କ ନିକଟବର୍ତ୍ତୀ ହେଲା କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ଆପଣ ସ.ଅଙ୍କ ଉପରେ ଶାନ୍ତି ଅବତୀର୍ଣ୍ଣ ହେଉ । ମୁଁ ସାକ୍ଷ୍ୟ ଦେଉଛି ଯେ, ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କେହି ବି ଉପାସ୍ୟ ଯୋଗ୍ୟ ନୁହନ୍ତି ଏବଂ ଆପଣ ସ.ଅ ଅଲ୍ଲାଃତାଲାଙ୍କର ବାର୍ତ୍ତାବହ ଅଟନ୍ତି। ମୁଁ ଆପଣ ସ.ଅଙ୍କ ଠାରୁ ଖସି ପଳାଇ ସବୁ ଅଞ୍ଚଳରେ ଘୂରି ବୁଲୁଛି ଏବଂ ମୁଁ ଅଣଆରବ୍ୟମାନଙ୍କ ସହିତ ମିଶିବାକୁ ଚାହୁଁଥିଲି । ପୁନଶ୍ଚ ମୁଁ ଆପଣ ସ.ଅଙ୍କ କୃପା ଓ ଏବଂ ଦୟା, ପୁଣ୍ୟ ଓ କ୍ଷମାକୁ ମନେପକାଇଲି । ଅର୍ଥାତ୍ ଅତ୍ୟାଚାରୀମାନେ ଆପଣ ସ.ଅଙ୍କ ଉପରେ  କିଭଳି ନାନା ଅନ୍ୟାୟ, ଅତ୍ୟାଚାର କରୁଥିଲା ଓ ଆପଣ ସ.ଅଙ୍କୁ ନିର୍ଯାତନା ଦେଉଥିଲେ । ହେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ! ଆମେମାନେ ମୁସରିକ୍ (ଈଶ୍ୱରଙ୍କ ସହିତ ସମକକ୍ଷ ଥିବା ବ୍ୟକ୍ତି) ଥିଲୁ । ଅଲ୍ଲାଃତାଲା ଆପଣ ସ.ଅଙ୍କ ମାଧ୍ୟମରେ ଆମମାନଙ୍କୁ ସତ୍‌ମାର୍ଗ ପ୍ରଦାନ କଲେ ଓ ବିନାଶରୁ ଉଦ୍ଧାର କଲେ । ଆପଣ ସ.ଅଙ୍କୁ ମୋ ତରଫରୁ ଯେଉଁ ନିର୍ଯାତନା (କଷ୍ଟ) ହୋଇଛି ମୋର ସେହି ଅତ୍ୟାଚାର ଏବଂ ମୋର ନିର୍ଯାତନାକୁ ଆପଣ କ୍ଷମା କରି ଦିଅନ୍ତୁ । ମୋ ତରଫରୁ ଆପଣ ସ.ଅଙ୍କୁ ଯେଉଁ ଦୁଃଖ କଷ୍ଟ ହୋଇଛି ସେଥି ନିମନ୍ତେ ମୁଁ ଅନୁତପ୍ତ, ଲଜ୍ଜିତ ଓ କ୍ଷମାପ୍ରାର୍ଥୀ ଅଟେ ।  ମୁଁ ନିଜର ପାପ ଏବଂ ଅପରାଧର ସ୍ୱୀକାରୋକ୍ତି ପ୍ରକାଶ କରୁଛି। ବର୍ଣ୍ଣନାକାରୀ କୁହନ୍ତି ଯେ, ମୁଁ ସେତେବେଳେ ରସୁଲ୍ କରୀମ୍ ସ.ଅଙ୍କୁ ଦେଖୁଥିଲି । ଆପଣ ସ.ଅ ହବ୍‌ବାବ୍‌ର କ୍ଷମା ପ୍ରାର୍ଥନା ହେତୁ ନିଜର ମୁଣ୍ଡକୁ ତଳକୁ କରି ବସି ରହିଥିଲେ । ଆପଣ ସ.ଅ କହିଲେ, ହେ ହବ୍‌ବାର୍ ! ଯା ମୁଁ ତୋତେ କ୍ଷମା କରିଦେଲି। ଇସଲାମ୍ ଧର୍ମ ପୂର୍ବବର୍ତ୍ତୀ ପାପକୁ କ୍ଷମା କରି ଦେଇଥାଏ । **(କିତାବୁଲ୍ ମୁଗାଜି, ୱକିଦି, ଭାଗ-2, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ମକ୍କା ବିଜୟ, ଲେଖକ-ବାଶ୍‌ମିଲ୍, ପୃ-333, 331, ନଫିସ୍ ଏକାଡ଼େମୀ, କରାଚୀ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମୁସ୍‌ଲେହ୍ ମଉଦ୍ ର.ଅ ମଧ୍ୟ ଉକ୍ତ ଘଟଣାକୁ ଉଲ୍ଲେଖ କରିଛନ୍ତି ଯେ, "ସେହି ଲୋକମାନେ ଯେଉଁମାନଙ୍କ ସଂକ୍ରାନ୍ତରେ ଆଦେଶ ଦିଆଯାଇଥିଲା ଯେ, ସେମାନଙ୍କ ମଧ୍ୟରେ ସେହି ବ୍ୟକ୍ତି ମଧ୍ୟ ଥିଲା ଯିଏ ରସୁଲୁଲ୍ଲାଃ ସ.ଅଙ୍କ ସୁପୁତ୍ରୀ ହ. ଜୈନବ୍ ର.ଅଙ୍କ ମୃତ୍ୟୁର କାରଣ ସାଜିଥିଲା । ସେହି ବ୍ୟକ୍ତିର ନାମ ହବ୍‌ବାର୍ ଥିଲା । ସେ ହ. ଜୈନବ୍ ର.ଅଙ୍କ ଓଟର ଡୋରକୁ ଛୋଟ କରି କାଟି ଦେଇଥିଲା । ଅର୍ଥାତ୍ ଓଟକୁ ନିୟନ୍ତ୍ରଣ କରିବା ନିମନ୍ତେ ଯେଉଁ ମଙ୍ଗକୁ ଭିଡ଼ିକି ଧରାଯାଇଥାଏ ସେହି ଡୋରକୁ କାଟି ଦେଇଥିଲା । ଯଦ୍ୱାରାକି ହ. ଜୈନବ୍ ର.ଅ ଓଟ ଉପରୁ ତଳକୁ ଖସି ପଡ଼ିଥିଲେ । ଫଳତଃ ତାଙ୍କର ଗର୍ଭବାତ ହୋଇଗଲା ଓ କିଛି କାଳ ପରେ ତାଙ୍କର ଅକାଳ ବିୟୋଗ ଘଟିଥିଲା । ଏତଦ୍‌ଭିନ୍ନ ହବ୍‌ବାର୍‌ର ଅନ୍ୟ ଅପରାଧ ମଧ୍ୟ ତା' ସଂହାରର କାରଣ ହୋଇଥିଲା । ଏହି ବ୍ୟକ୍ତି ଅର୍ଥାତ୍ ହବ୍‌ବାର୍ ରସୁଲୁଲ୍ଲାଃ ସ.ଅଙ୍କ ସେବାରେ ଉପସ୍ଥିତ ହେଲା ଏବଂ ସେ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ଆପଣ ସ.ଅଙ୍କ ଠାରୁ ଖସି ପଳାଇ ଇରାନ୍ ଅଭିମୁଖେ ଚାଲି ଯାଇଥିଲି ।  ପୁନଶ୍ଚ ମୁଁ ଏହା ଭାବିଲି ଯେ, ଅଲ୍ଲାଃତାଲା ନିଜର ପ୍ରିୟାବତାର ମୁହମ୍ମଦ ସ.ଅଙ୍କ ମାଧ୍ୟମରେ ଆମମାନଙ୍କ ସିର୍କର ଯେଉଁ ଧାରଣା ରହିଥିଲା ତାହାକୁ ଦୂରୀଭୂତ କରି ଦେଇଛନ୍ତି ଏବଂ ଆମମାନଙ୍କ ଆଧ୍ୟାତ୍ମିକ ଅବକ୍ଷୟରୁ  ଆମମାନଙ୍କୁ ରକ୍ଷା କରିଛନ୍ତି । ମୁଁ ପର ଲୋକମାନଙ୍କ ପାଖକୁ ଯିବା ପରିବର୍ତ୍ତେ ନିଜ ଲୋକଙ୍କ ପାଖକୁ କାହିଁକି ନଯିବି ଏବଂ ନିଜର ପାପର ସ୍ୱୀକାର ସେହି ବ୍ୟକ୍ତି ସମ୍ମୁଖରେ କ୍ଷମା ଯାଚନା କାହିଁ ନକରିବି । ରସୁଲ୍ କରୀମ୍ ସ.ଅ କହିଲେ, ହବ୍‌ବାର୍ ! ଯେତେବେଳେ ଅଲ୍ଲାଃତାଲା ତୁମମାନଙ୍କର ହୃଦୟରେ ଇସ୍‌ଲାମ୍ ଧର୍ମର ପ୍ରେମ ସୃଷ୍ଟି କରି ଦେଇଛନ୍ତି ସେତେବେଳେ ମୁଁ ତୁମମାନଙ୍କର ପାପକୁ କାହିଁକି କ୍ଷମା କିରଦେବିନି ? ଯାଅ ମୁଁ ତୁମମାନଙ୍କୁ କ୍ଷମା କରିଦେଲି । ଇସ୍‌ଲାମ୍ ଧର୍ମ ତୁମମାନଙ୍କର ପୂର୍ବ ଦୋଷ ଏବଂ ପୂର୍ବ ଅପରାଧାକୁ ନିଶ୍ଚିହ୍ନ କରିଦେଇଛି ।"**(ଦିବାଚା ତଫ୍‌ସିରୁଲ୍ କୁର୍‌ଆନ୍, ଅନ୍‌ୱାରୁଲ୍ ଉଲୁମ୍, ଭାଗ-20, ପୃ-350-351, ପ୍ରଥମ ସଂସ୍କରଣ) (ଫିରୋଜୁଲ୍ ଲୁଗାତ୍, ଉର୍ଦ୍ଦୁ, ପୃ-385, ଫିରୋଜ୍ ଆଣ୍ଡ ସନସ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ ସ.ଅ ହବ୍‌ବାରକୁ କ୍ଷମା କରିଦେଲେ। କିନ୍ତୁ ଅବ୍‌ଦୁଲ୍ଲାଃ ବିନ୍ ଅବି ସରାହ୍ ସଂକ୍ରାନ୍ତରେ ଏହା କୁହାଯାଏ ଯେ, ଆଁହଜରତ ସ.ଅ ତା'କୁ କ୍ଷମା କରି ନଥିଲେ । ଆଁହଜରତ ସ.ଅ କହିଲେ, ହେ ସାହାବାମାନେ ତୁମେମାନେ ମୋତେ ଇଙ୍ଗିତ କାହିଁକି କଲ ନାହିଁ ? ଇଙ୍ଗିତର ଆବଶ୍ୟକତା ନଥିଲା ।

ହୁଜୁର ଅନ୍‌ୱର୍ କହିଲେ, ପୁନଶ୍ଚ କାଆବ୍ ବିନ୍ ଜୁହେର୍ ବିନ୍ ଅବି ସୁଲ୍‌ମା ଅଟନ୍ତି। ଏ ମଧ୍ୟ ଜଣେ ବ୍ୟକ୍ତି ଥିଲା । 7 ହିଜ୍ରୀରେ କାଆବ୍ ଏବଂ ତା'ର ଭାଇ ବୁଜୈରାହ୍ ଦୁହେଁ ଅବ୍ରକ୍ ନାମ ସ୍ଥାନକୁ ଆସିଲେ । ଅବ୍ରକ୍ ବସ୍ରାହ୍ ଠାରୁ ମଦିନା ମାର୍ଗରେ ଅବସ୍ଥିତ ବନୁ ଅସଦ୍ ସଂପ୍ରଦାୟର ଏକ କୂପ ଥିଲା । ବୁଜୈରାହ୍ ଏଠାରୁ ମଦିନା ଗଲା ଏବଂ ସେଠାରେ ଯାଇ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେଲା । ଫଳତଃ କାଆବ୍ କ୍ଷୁବ୍ଧ ଭାବ ପ୍ରକାଶ କଲେ ଏବଂ ବ୍ୟଙ୍ଗାତ୍ମକ କବିତା ଲେଖିଲା ।

ଯଦିଓ ସାଧାରଣ ବର୍ଣ୍ଣନାରୁ ଏହା ଜଣାପଡ଼େ ଯେ, ଆଁହଜରତ ସ.ଅ ଏହି ବ୍ୟଙ୍ଗାତ୍ମକ ଓ ମର୍ଯ୍ୟାଦା କ୍ଷୁର୍ଣ୍ଣକାରୀ କବିତା ଯୋଗୁଁ କାଆବ୍‌ର ସଂହାର ପାଇଁ ଆଦେଶ ଦେଇଥିଲେ। କିନ୍ତୁ କେତେକ ପ୍ରାମାଣ୍ୟରୁ ଏହା ଜ୍ଞାତ ହୁଏ ଯେ, ପ୍ରକୃତ କଥା ବା ପ୍ରକୃତ ଘଟଣା କେବଳ ଏତିକି ନଥିଲା ବରଂ କାଆବ୍ ଏବଂ ବୁହୈରା ଆଁହଜରତ ସ.ଅଙ୍କୁ ବହୁତ ନିର୍ଯାତନା ଦେଇଥିଲେ କିମ୍ବା ଆଁହଜରତ ସ.ଅଙ୍କୁ ହତ୍ୟା କରିବା ନିମନ୍ତେ କୌଣସି ଷଡ଼ଯନ୍ତ୍ର ରଚିଥିଲେ । ଉକ୍ତ ଅଭିପ୍ରାୟ ଅନୁଯାୟୀ କାଆବ୍ ମଦିନାରୁ ଅଳ୍ପ ଦୂରରେ ଅଟକି ଗଲା ଏବଂ ଭାଇକୁ ମଦିନା ପ୍ରେରଣ କରିଦେଲା । କିନ୍ତୁ ବୁଜୈରାହ୍ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେଲା । ଯେତେବେଳେ କାଆବ୍‌କୁ ନିଜ ଭାଇର ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବାର ସୂଚନା ପ୍ରାପ୍ତ ହେଲା ସେତେବେଳେ ସେ ଅସନ୍ତୋଷ ଓ କ୍ଷୁବ୍ଧ ଭାବ ପ୍ରକାଶ କଲା । ଏତଦ୍‌ପରେ ଆଁହଜରତ ସ.ଅ ଯେତେବେଳେ ତାଏଫରୁ ଫେରୁଥିଲେ ସେତେବେଳେ ବୁଜୈରାହ୍ ନିଜର ଭାଇ କାଆବ୍ ବିନ୍ ଜୁହୈରାହକୁ ପତ୍ର   ଲେଖିଲା ଯେ, ସେ ମଧ୍ୟ କ୍ଷମା ଯାଚନା କରି ନବୀ କରୀମ୍ ସ.ଅଙ୍କ ସେବାରେ ଉପସ୍ଥିତ ହୋଇଯାଉ ଓ ନିଜ ଅପରାଧର କ୍ଷମା ମାଗିନେଉ । କାରଣ ଆପଣ ସ.ଅ ପ୍ରତ୍ୟେକ ସେହି ବ୍ୟକ୍ତିକୁ କ୍ଷମା କରିଦେଉଥିଲେ ଯିଏ କ୍ଷମା ଯାଚନା କରି ଆଁହଜରତ ସ.ଅଙ୍କ ସମ୍ମୁଖରେ ଉପସ୍ଥିତ ହେଉଥିଲା । ପରିଶେଷରେ କାଆବ୍‌କୁ ଏହି ବିକଳ୍ପ ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ଦୃଶ୍ୟମାନ (ଦିଶିଲା) ହେଲା ନାହିଁ । ଅର୍ଥାତ୍ ସେ ମନରେ କହିଲା କି ମୁଁ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହେବି । ସୁତରାଂ କାଆବ୍ ଏକ କସିଦା ଲେଖିଲା । ଉକ୍ତ କସିଦାର ପ୍ରଥମ ପଂକ୍ତି ଏହା ଅଟେ ଯେ,

بَانَتْ سُعَادُ فَقَلْبِى الْيَوْمَ مَتْبُوْلُ

ଅର୍ଥାତ୍ "ସୁଆଦ୍ ମୋ ଠାରୁ ଦୂରେଇ ଗଲା ଏବଂ ଅତି ଦୁଃଖରେ ମୋ ହୃଦୟ ଖଣ୍ଡ ବିଖଣ୍ଡିତ ହେଉଅଛି ।" ଏତଦ୍‌ପରେ କାଆବ୍ ବିନ୍ ଜୁହେର୍ ବାହାରିଲେ ଏବଂ ମଦିନା ପହଞ୍ଚି ନିଜର ପରିଚିତ ଅତ୍ମୀୟଙ୍କ ଘରେ ଅବସ୍ଥାନ କଲେ । ପରବର୍ତ୍ତୀ ଦିନ ସେହି ବ୍ୟକ୍ତି କାଆବ୍‌କୁ ଆଁହଜରତ୍ ସ.ଅଙ୍କ ସେବାରେ ନେଇ ଉପସ୍ଥିତ ହେଲା । ଯେତେବେଳେ ଆଁହଜରତ ସ.ଅ ସକାଳ ନମାଜ ପାଠ କରି ସାରିଲେ ସେତେବେଳେ ସେହି ବ୍ୟକ୍ତି ଜଣକ ଆଁହଜରତ ସ.ଅଙ୍କ ଆଡ଼କୁ ଇଙ୍ଗିତ କରି କାଆବ୍‌କୁ କହିଲା, ହେ କାଆବ୍ ! ଏ ହେଉଛନ୍ତି ରସୁଲୁଲ୍ଲାଃ ସ.ଅ । ଛିଡ଼ା ହୋଇ ଆପଣ ସ.ଅଙ୍କ ଠାରୁ ସୁରକ୍ଷା ଭିକ୍ଷା କର । କାଆବ୍ ଛିଡ଼ା ହେଲେ ଏବଂ ଆପଣ ସ.ଅଙ୍କ ସମ୍ମୁଖରେ ବସି ନିଜର ହସ୍ତ ଆପଣ ସ.ଅଙ୍କ ହସ୍ତ ଉପରେ ଦେଇଦେଲେ । ଆଁହଜରତ ସ.ଅ ଏବଂ ଆପଣ ସ.ଅଙ୍କ ନିକଟରେ ଉପସ୍ଥିତ ଥିବା ସାହାବାମାନଙ୍କ ମଧ୍ୟରୁ କେହି ବି କାଆବ୍


ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ବିନ୍ ଜୁହୈରାହ୍‌କୁ ଚିହ୍ନି ପାରିଲା ନାହିଁ । କାଆବ୍ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କାଆବ୍ ବିନ୍ ଜୁହୈରାହ୍ ଆପଣ ସ.ଅଙ୍କ ସମ୍ମୁଖରେ ନିଜ ପ୍ରାଣ ରକ୍ଷା ନିମନ୍ତେ ଭିକ୍ଷା ମାଗୁଛନ୍ତି ଏବଂ କ୍ଷମାଯାଚନା କରି ମୁସଲମାନ ହେବାକୁ ଚାହୁଁଛି । ମୁଁ ଯଦି ତା'କୁ ଆପଣ ସ.ଅଙ୍କ ପାଖକୁ ନେଇ ଆସେ ତେବେ କ'ଣ ଆପଣ ସ.ଅ କ୍ଷମାଯାଚନାକୁ ସ୍ୱୀକାର କରିନେବେ କି ? ଆପଣ ସ.ଅ କହିଲେ, ହଁ । ସେତେବେଳେ କାଆବ୍ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ହିଁ କାଆବ୍ ବିନ୍ ଜୁହୈର୍ ଅଟେ । ଏହା ଶୁଣିବା ମାତ୍ରେ ଜଣେ ମୁସଲମାନ ଅନ୍‌ସାରୀ ବ୍ୟକ୍ତି କହିବାକୁ ଲାଗିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଅଲ୍ଲାଃତାଲାଙ୍କର ଏହି ଶତ୍ରୁକୁ ମୋତେ ହସ୍ତାନ୍ତର କରି ଦିଅନ୍ତୁ । କାରଣ ମୁଁ ଏହାର ସ୍କନ୍ଧଚ୍ୟୁତ କରିଦେବି । କିନ୍ତୁ ଆଁହଜରତ ସ.ଅ କହିଲେ, ବସ୍ ! (ଅନ୍‌ସାରୀ ବ୍ୟକ୍ତି) ତା'କୁ (କାଆବ୍ ବିନ୍ ଜୁହୈର୍‌କୁ) ଯିବାକୁ ଦିଅ । ଏହି ବ୍ୟକ୍ତି ଅର୍ଥାତ୍ କାଆବ୍ ବିନ୍ ଜୁହୈର୍ କ୍ଷମା ଯାଚନା ଓ ଅନୁତପ୍ତ ପରିପ୍ରକାଶ କରିବା ନିମନ୍ତେ ଆସିଅଛି । ଯେତେବେଳେ କାଆବ୍ କସିଦା **بَانَتْ سُعَادُ** ପାଠ କଲେ ଏବଂ ଉକ୍ତ କସିଦାର ଏହି କବିତା ପାଖରେ ଯେତେବେଳେ ପହଞ୍ଚିଲେ-

اِنَّ الرَّسُوْلَ لَنُوْرٌ يُسْتَضَاءُ بِهٖ
مُهَنَّدٌ مِنْ سُيُوْفِ اللهِ مَسْلُوْلُ

ଅର୍ଥାତ୍ "ନିଃସନ୍ଦେହ ରସୁଲୁଲ୍ଲାଃ ସ.ଅ ହେଉଛନ୍ତି ଏପରି ଏକ ଆଲୋକ ଯାହାଙ୍କ ଠାରୁ ସତ୍ୟାଲୋକ ପ୍ରାପ୍ତ କରାଯାଇଥାଏ ଏବଂ ଆପଣ ସ.ଅ ଅଲ୍ଲାଃତାଲାଙ୍କ ଖଡ଼୍‌ଗ ମଧ୍ୟରୁ ଏକ ଉତ୍ତିଷ୍ଠ (ଉଠିଥିବା) ଫୁଙ୍ଗୁଳା ହିନ୍ଦୀ (ଭାରତୀୟ) ଖଡ଼୍‌ଗ ଅଟନ୍ତି ।"

ଅତଏବ୍ ଆପଣ ସ.ଅ ନିଜର ଚଦର ହ. କାଆବ୍‌ଙ୍କ ଉପରେ ପକାଇଦେଲେ । ଅର୍ଥାତ୍ ଯେଉଁ ଚଦର ଆପଣ ସ.ଅଙ୍କ ଶରୀର ଉପରେ ଥିଲା ସେହି ଚଦର ଆପଣ ସ.ଅ କାଆବ୍ ବିନ୍ ଜୁହୈର୍ ଉପରେ ପକାଇଦେଲେ । ଉକ୍ତ ଚଦର ଯୋଗୁଁ ଏହି କସିଦାର ନାମ କସିଦା ବୁର୍ଦ୍ଦା ନାମରେ ବିଖ୍ୟାତ ହୋଇଗଲା । ଅର୍ଥାତ୍ ଚଦର ବାଲା କସିଦା । "ବୁର୍ଦ୍ଦା" ଶବ୍ଦର ଆକ୍ଷରିକ ଅର୍ଥ ହେଲା ଚଦର । ଉକ୍ତ କସିଦାକୁ ବାନତ୍ ସୁଆଦ୍ ମଧ୍ୟ କୁହାଯାଏ ଓ କସିଦା ବୁର୍ଦ୍ଦା ମଧ୍ୟ କୁହାଯାଏ । ପରବର୍ତ୍ତୀ ସମୟରେ ହ. ଅମୀର୍ ମୁଆୱିୟାହ୍ ବିପୁଳ ପରିମାଣର ଅର୍ଥ ବଦଳରେ ହ. କାଆବ୍ ଠାରୁ ଏହି ଚଦର କିଣିବା ନିମନ୍ତେ ଉଦ୍ୟମ କଲେ । କିନ୍ତୁ କାଆବ୍ ଏହା କହି ଅସ୍ୱୀକାର କରିଦେଲେ ଯେ, ମୁଁ ରସୁଲୁଲ୍ଲାଃ ସ.ଅଙ୍କ ଏହି ପବିତ୍ର ବସ୍ତ୍ରକୁ ନିଜ ଠାରୁ ପୃଥକ୍ ବା ଦୂରେଇ ଦେଇ ପାରିବି ନାହିଁ । କିନ୍ତୁ ତଥାପି ଯେତେବେଳେ ହ. କାଆବ୍‌ଙ୍କର ବିୟୋଗ ହୋଇଗଲା ସେତେବେଳେ ହ. ଅମୀର ମୁଆୱିୟାହ୍ କାଆବ୍‌ର ଉତ୍ତରାଧିକାରୀଙ୍କ ଠାରୁ ଉକ୍ତ ଚଦରକୁ କ୍ରୟ କରିନେଲେ । ଏତଦ୍‌ପରେ ଏହି ଚଦର ବନୁ ଉମୈୟାହ୍ ସଂପ୍ରଦାୟର ଶାସକମାନଙ୍କ ପାଖକୁ ଉତ୍ତରାଧିକାରୀ ରୂପେ(ଉତ୍ତରାଧିକାରୀ ସୂତ୍ରରେ) ସ୍ଥାନାନ୍ତରିତ ହେଉଥିଲା ଓ ସେମାନଙ୍କ ଶାସନର ପତନ ସମୟରେ ଉକ୍ତ ଚଦରଟି କ୍ଷୟ ଏବଂ ନଷ୍ଟ ହୋଇଗଲା । **(କାଆବ୍ ବିନ୍ ଜୁହୈର୍ ଏବଂ କସିଦା ବାନତ୍ ସୁଆଦ୍ରୁ, ପୃ-6-7, ମକ୍‌ତବା ଇସ୍‌ହାକିୟାହ୍, କରାଚୀ) (ସିରତୁଲ୍ ହଲବିୟାହ୍, ଭାଗ-3, ପୃ-301-302, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ଅଲ୍ ଲୁ ଲୁଉଲ୍ ମକ୍‌ନୁନ୍, ଜୀବନୀ ଶବ୍ଦକୋଷ, ଭାଗ-9, ପୃ-393, ଦାରୁସ୍ ସଲାମ୍)(ମୁନ୍‌ତହୁସ୍ ସୁଉଲି ଅଲା ୱସାଇଲିଲ୍ ୱୁସୁଲି ଇଲା ଶମାଇଲିର୍ ରସୁଲି ସ.ଅ, ଭାଗ-3 ପୃ-166, ଦାରୁଲ୍ ମିନ୍‌ହାଜ୍)(ଜୀବନୀ ଶବ୍ଦକୋଷ, ପୃ-24, ଜୱାହ୍ ଏକାଡ଼େମୀ, କରାଚୀ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହା ଉଲ୍ଲେଖ ରହିଛି ଯେ, ଲୋକମାନଙ୍କ ମଧ୍ୟରେ କସିଦା ବୁର୍ଦ୍ଦା ନାମରେ ଆଉ ଏକ କସିଦା ମଧ୍ୟ ସର୍ବାଧିକ ଜନପ୍ରିୟ ଅଟେ । ତାହା ଇମାମ୍ ଶର୍ଫୁଦ୍ଦୀନ୍ ବୁସିରୀଙ୍କର କସିଦା ଅଟେ । ଏହାକୁ କସିଦା ବୁର୍ଦ୍ଦା ଏଇଥି ପାଇଁ କୁହାଯାଏ ଯେ, ଯେତେବେଳେ ଇମାମ୍ ବୁସିରୀ ନବୀ କରୀମ୍ ସ.ଅଙ୍କ ମର୍ଯ୍ୟାଦା ତଥା ନବୀ କରୀମ୍ ସ.ଅଙ୍କ ସମ୍ମାନରେ ଉକ୍ତ କସିଦା ଲେଖିଲେ ସେତେବେଳେ ତାଙ୍କୁ ସ୍ୱପ୍ନରେ ନବୀ କରୀମ୍ ସ.ଅ ନିଜ ପବିତ୍ର ଚଦର (ଉତ୍ତରୀୟ) ପିନ୍ଧାଇଲେ । ଯେତେବେଳେ ଇମାମ୍ ଶର୍ଫୁଦ୍ଦୀନ ନିଦରୁ ଜାଗ୍ରତ ଅବସ୍ଥାକୁ ଆସିଲେ ସେତେବେଳେ ସେହି ଚଦରଟି ତାଙ୍କ କାନ୍ଧ ଉପରେ ପଡ଼ିଥିବା ଦେଖିବାକୁ ପାଇଲେ । କୁହାଯାଏ ଯେ, ଇମାମ୍ ବୁସିରୀ ପକ୍ଷାଘାତ ରୋଗୀ ଥିଲେ ଏବଂ ଉକ୍ତ ଚଦରର କଲ୍ୟାଣରୁ ସେ ଆରୋଗ୍ୟ ଲାଭ ହୋଇଥିଲେ ।

**(ଦିୱାନ୍ ଇମାମ୍ ବୁସିରି, ପୃ-32-33, ଦାରୁସ୍ ସଲାମ୍ ପ୍ରିଣ୍ଟିଂ ପ୍ରେସ୍, ଲାହୋର)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଉକ୍ତ ଯେଉଁ କାହାଣୀଟି ବର୍ଣ୍ଣନା କରାଯାଇଛି । ବେଳେବେଳେ ଏପରି କାହାଣୀ ମଧ୍ୟ ସାମ୍ନାକୁ ଚାଲି ଆସିଥାଏ । ସେ ଯାହା ହେଉ ଆଉ କେତେକ ଘୋର ବିରୋଧୀମାନଙ୍କର ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବାର ଚର୍ଚ୍ଚା ମଧ୍ୟ ରହିଛି । ସେମାନଙ୍କୁ କିପରି କ୍ଷମା ମିଳିଲା, ସେହି ଚର୍ଚ୍ଚା ମୁଁ ଆସନ୍ତା ଖୁତ୍‌ବାରେ ଚର୍ଚ୍ଚା କରିବି । ହୁଜୁର ଅନ୍‌ୱର୍ ଅ.ବ କହିଲେ, ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆସନ୍ତା ଶୁକ୍ରବାର ଠାରୁ ଇନ୍‌ଶାଅଲ୍ଲାଃ ଜମାଅତ୍ ଅହମଦିୟା ବ୍ରିଟେନ୍‌ର ଜଲ୍‌ସା ସାଲାନା ମଧ୍ୟ ଆରମ୍ଭ ହେଉଛି । ତେଣୁ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ଏଥି ନିମନ୍ତ ମଧ୍ୟ ଦୁଆ କରନ୍ତୁ । ଅଲ୍ଲାଃତାଲା ନିଜର କୃପା ମାଧ୍ୟମରେ ଉକ୍ତ ଜଲ୍‌ସାକୁ କଲ୍ୟାଣମୟ କରନ୍ତୁ ଏବଂ ପ୍ରତ୍ୟେକ କାର୍ଯ୍ୟକ୍ରମରେ ନିଜର କୃପାବତୀର୍ଣ୍ଣ କରନ୍ତୁ ଓ ପ୍ରତ୍ୟେକ କାର୍ଯ୍ୟକ୍ରମ ତଥା ଅଧିବେଶନରେ ନିଜର କୃପା ଦ୍ୱାରା ଲୋକମାନଙ୍କୁ ପୁରସ୍କୃତ ଓ ସମ୍ମାନିତ କରନ୍ତୁ । **ଆମିନ୍** ।

ଯେଉଁମାନେ ବଦ୍‌ମାଶ୍ ଅଟନ୍ତି ଏବଂ କୌଣସି ପ୍ରକାରର କ୍ଷତି ଏବଂ ଅନିଷ୍ଟ ସାଧନ କରିବାର ଉଦ୍ଦେଶ୍ୟ ରଖନ୍ତି ସେହି ଅନିଷ୍ଟକାରୀ ବ୍ୟକ୍ତିମାନଙ୍କ ଠାରୁ ଅଲ୍ଲାଃତାଲା ସୁରକ୍ଷିତ ରଖନ୍ତୁ । ଯେଉଁ ଅତିଥିମାନେ ଦେଶ ଭିତରୁ ଆସୁଛନ୍ତି କିମ୍ବା ବହିର୍ଦେଶରୁ ଆସୁଛନ୍ତି, ଅଲ୍ଲାଃତାଲା ସେମାନଙ୍କୁ ଏଠାକୁ ସକୁଶଳେ ଆଣନ୍ତୁ। ଏଠାରେ ସେମାନଙ୍କୁ ପ୍ରତ୍ୟେକ ଦୃଷ୍ଟିରୁ ଅଲ୍ଲଃତାଲା ନିଜର ସୁରକ୍ଷା ବଳୟ ମଧ୍ୟରେ ରଖନ୍ତୁ ।

ଲୋକମାନଙ୍କର ଯେଉଁ ବ୍ୟକ୍ତିଗତ ଅତିଥିମାନେ ଜଲ୍‌ସା ନିମନ୍ତେ ଆସୁଛନ୍ତି କିମ୍ବା ଜମାଅତୀୟ ବ୍ୟବସ୍ଥା ଅନୁଯାୟୀ ଅତିଥି ସତ୍କାରକ ବିଭାଗ ଅଧୀନ ସେମାନଙ୍କର ରହଣୀ ବ୍ୟବସ୍ଥା କରାଯିବ । ସେହି ଅତିଥିମାନଙ୍କର ଅତିଥି ସତ୍କାର କରିବାକୁ ଅଲ୍ଲାଃତାଲା ପ୍ରତ୍ୟେକ ଅତିଥି ସତ୍କାରକକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଯେଉଁ କର୍ମକର୍ତ୍ତାମାନେ ନିଜକୁ ଜଲ୍‌ସାର ଡିୟୁଟି ନିମନ୍ତେ ଉପସ୍ଥାପିତ କରୁଛନ୍ତି ଅଲ୍ଲାଃତାଲା ସେହି ସମସ୍ତ କର୍ମୀମାନଙ୍କୁ ନିଃସ୍ୱାର୍ଥପର ହୋଇ ନିଜ ନିଜ ବିଭାଗରେ ସେବା କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଓ ଅତ୍ୟନ୍ତ ପ୍ରେମ, ସମ୍ମାନ, ମର୍ଯ୍ୟାଦା, ବିନୀତତା, ବିନମ୍ରତାପୂର୍ବକ ଓ ସହାସ୍ୟ ସ୍ୱଭାବର ସହିତ ସେହି ଅତିଥିମାନଙ୍କର ସେମାନେ ଅତିଥି ସେବା ସମ୍ପାଦନ କରନ୍ତୁ ।

ବେଳେବେଳେ କାମର ଚାପ ଯୋଗୁଁ, ନିଦ୍ରାଭାବ ଯୋଗୁଁ କେତେକ କର୍ମୀମାନଙ୍କର ସ୍ୱଭାବ ପ୍ରଭାବିତ ମଧ୍ୟ ହୋଇ ଯାଇଥାଏ । କିନ୍ତୁ ପ୍ରତ୍ୟେକ କର୍ମୀମାନଙ୍କର ଯେଉଁଠି ଓ ଯେଉଁ ବଭାଗରେ ବି ଡିୟୁଟି ଲାଗିଛି ସେମାନେ ଏହି ମନୋଭାବ ରଖି ଏହି ଦିନଗୁଡ଼ିକୁ ଅତିବାହିତ କରନ୍ତୁ କି ସେମାନଙ୍କୁ ଅଲ୍ଲାଃତାଲା ପୁଣ୍ୟଶ୍ଳୋକ ହ. ମସିହ ମଉଦ୍ ଅ.ସଙ୍କ ଅତିଥିମାନଙ୍କର ଅତିଥି ସେବା କରିବାକୁ ସାମର୍ଥ୍ୟ ପ୍ରଦାନ କରିଛନ୍ତି। ଅତିଥି ସେବା କରିବାକୁ ଅଲ୍ଲାଃତାଲା ସେମାନଙ୍କୁ ସୁଯୋଗ ପ୍ରଦାନ କରିଛନ୍ତି । ତେଣୁ ଏଥି ନିମନ୍ତେ ଆମମାନଙ୍କୁ ପ୍ରତ୍ୟେକ ପ୍ରକାରର ବଳିଦାନ ଦେଇ ନିଜର ସେବା ମନୋବୃତ୍ତି ବଜାୟ ରଖିବାକୁ ହେବ ।

ଆପଣମାନେ କୌଣସି ପ୍ରକାରର ଅସୂୟା ଭାବ ପ୍ରଦର୍ଶନ କରିବେ ନାହିଁ । ସର୍ବଦା ଆମମାନଙ୍କର ମୁଖମଣ୍ଡଳରେ ସ୍ମିତହାସ୍ୟ ବିଦ୍ୟମାନ ରହିବା ଉଚିତ୍ । ଯୁବତୀମାନେ ହୁଅନ୍ତୁ, ମହିଳାମାନେ ହୁଅନ୍ତୁ, ଯୁବକମାନେ ହୁଅନ୍ତୁ, ବୟସ୍କ ବ୍ୟକ୍ତିମାନେ ହୁଅନ୍ତୁ, ଅଫିସର ହୁଅନ୍ତୁ, ସ୍ୱେଚ୍ଛାସେବୀ କର୍ମୀ ହୁଅନ୍ତୁ, ରୋଷେୟା ହୁଅନ୍ତୁ ଲଙ୍ଗର୍‌ର ବ୍ୟବସ୍ଥା ପରିଚାଳନା କରୁଥିବା କର୍ମୀମାନେ ହୁଅନ୍ତୁ କିମ୍ବା ଆହାର ଖୁଆଇଲାବାଲା କର୍ମୀମାନେ ହୁଅନ୍ତୁ, ସିକ୍ୟୁରିଟି ଦେଉଥିବା କର୍ମୀମାନେ ହୁଅନ୍ତୁ, ପାର୍କିଂରେ ଡ଼ିୟୁଟି କରୁଥିବା କର୍ମୀମାନେ ହୁଅନ୍ତୁ, ସଫେଇ ଓ ହାଇଜିନ୍ କର୍ମଚାରୀମାନେ ହୁଅନ୍ତୁ, ଆଭ୍ୟନ୍ତର ଓ ବାହ୍ୟ ଶୃଙ୍ଖଳା ରକ୍ଷାକାରୀ ସ୍ୱେଚ୍ଛାସେବୀମାନେ ହୁଅନ୍ତୁ, ଗେଟ୍‌ରେ ପ୍ରବେଶ କରୁଥିବା ଲୋକମାନଙ୍କୁ ଚେକ୍ କରୁଥିବା ବ୍ୟକ୍ତି ହୁଅନ୍ତୁ, ମାର୍କିରେ ଡିୟୁଟି ଦେଉଥିବା ବାଳକ ବାଳିକାମାନେ ହୁଅନ୍ତୁ, ଜଲ୍‌ସାଗାହ୍‌ରେ ଡିୟୁଟି ଦେଉଥିବା ଯୁବକ ଯୁବତୀମାନେ ହୁଅନ୍ତୁ, ମହିଳା ଓ ପୁରୁଷମାନେ ହୁଅନ୍ତୁ ସମସ୍ତଙ୍କୁ ସର୍ବାଦ ନିଜ ମୁଖମଣ୍ଡଳରେ ସ୍ମିତହାସ୍ୟତାର ସହିତ ନିଜର କାର୍ଯ୍ୟକୁ ସମ୍ପାଦନ କରିବା ନିମନ୍ତେ ଉଦ୍ୟମ କରିବା ଉଚିତ୍ । ଏଥି ନିମନ୍ତେ ଅଲ୍ଲାଃତାଲା ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, କିନ୍ତୁ ତତ୍‌ସହିତ ପ୍ରତ୍ୟେକ ବ୍ୟକ୍ତି ଉପରେ ଗଭୀର ଏବଂ ତୀକ୍ଷ୍ଣ ଦୃଷ୍ଟି ରଖିବା ଉଚିତ୍ । କାରଣ କୌଣସି ବ୍ୟକ୍ତି ମନରେ ବି କୌଣସି ପ୍ରକାରର ହିଂସା, ଉପଦ୍ରବ ଓ ଅନିଷ୍ଟ ପ୍ରସାରିତ ତଥା କ୍ଷତି ସାଧନ କରିବା ନିମନ୍ତେ ଦୁଃସାହସ ସୃଷ୍ଟି ନହେଉ । ଅଲ୍ଲାଃତାଲା ସମସ୍ତ କର୍ମୀମାନଙ୍କୁ ଉତ୍ତମ ଢଙ୍ଗରେ ସେବା କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ ଓ ଏହି ସ୍ୱେଚ୍ଛାସେବୀ କର୍ମୀମାନେ ଅଲ୍ଲାଃତାଲାଙ୍କ କୃପାକୁ ପ୍ରାପ୍ତକାରୀ ବ୍ୟକ୍ତି ରୂପେ ବିବେଚିତ ହୁଅନ୍ତୁ । ଆମିନ୍ ।

**(ଅଲ୍‌ଫଜଲ୍ ଇଣ୍ଟର ନ୍ୟାସ୍‌ନଲ୍, 8 ଅଗଷ୍ଟ 2025 ମସିହା, ପୃ-2-6)**

☆-☆-☆


### ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି:** وَمَا خَلَقْتُ الْجِنَّ وَالْاِنْسَ اِلَّا لِيَعْبُدُوْنَ

(ଅଜ୍ ଜାରିୟାତ୍: 57)

**ଅନୁବାଦ୍: ଏବଂ ଆମ୍ଭେ ଜିନ୍ନ ଓ ଇନସକୁ ନିଜର ଉପାସନା ସକାଶେ ସୃଷ୍ଟି କରିଅଛୁ ।**

ତାଲିବେ ଦୁଆ: Akhtara Begum & Family,
B.D.A, Bhubaneshwar (Odisha)

### ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି:** وَذَكِّرْ فَاِنَّ الذِّكْرٰى تَنْفَعُ الْمُؤْمِنِيْنَ

(ଅଜ୍ ଜାରିୟାତ୍: 56)

**ଅନୁବାଦ୍:ଏବଂ ସ୍ମରଣ କରାଉ ଥାଅ, କାରଣ ସ୍ମରଣ କରାଇବା ବିଶ୍ୱାସକାରୀମାନଙ୍କୁ-ଲାଭ ଦେଇଥାଏ ।**

ତାଲିବେ ଦୁଆ:Shamim Ahmad, S/o- Late Sk Abdul Gaffar &
Jamila Sahiba, Jamat Ahmadiya Kotpalla (Odisha)

## (ଖୁତ୍‌ବା ଜୁମା)

ମୁଁ ସବୁବେଳେ ଏଥିପାଇଁ ଚିନ୍ତିତ ରହିଥାଏ ଯେ, କୌଣସି ଅତିଥିଙ୍କୁ ଯେପରି କଷ୍ଟ ନହେଉ, ବରଂ ଏଥି ନିମନ୍ତେ ମୁଁ ସର୍ବଦା ଏହି ତାଗିଦ୍ କରୁଛି ଯେ, ଅତିଥିମାନଙ୍କୁ ଯଥାସମ୍ଭବ ଆରାମ୍ ପ୍ରଦାନ କରାଯାଉ । ଅତିଥିଙ୍କ ହୃଦୟ ଦର୍ପଣ ପରି ଅତି ଦୁର୍ବଳ ହୋଇଥାଏ । ସାମାନ୍ୟ ମାତ୍ର ଆଘାତ ଲାଗିବା ଦ୍ୱାରା ଦର୍ପଣଟି ଭାଙ୍ଗି ଯାଇଥାଏ । ଠିକ୍ ସେହିଭଳି ମନୁଷ୍ୟର ହୃଦୟକୁ ସମାନ୍ୟ ଆଘାତ୍ ଯେତେବେଳେ ଲାଗେ ସେତେବେଳେ ତାହା ଭାଙ୍ଗି ଯାଇଥାଏ ।

(ହ. ମସିହ୍ ମଉଦ୍ ଅ.ସ)

— — — — — — — — — — — — — — — — — — — —

ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସଙ୍କର ଯେଉଁ ଅତିଥିମାନେ ଜଲ୍‌ସା ଶୁଣିବା ନିମନ୍ତେ ଆସୁଛନ୍ତି ସେହି ଅତିଥିମାନଙ୍କର ପ୍ରତ୍ୟେକ ଦୃଷ୍ଟିରୁ ସେବା ଏବଂ ଅତିଥି ସତ୍କାର କରିବା ପ୍ରତ୍ୟେକ ସ୍ୱେଚ୍ଛାସେବୀ କର୍ମୀବୃନ୍ଦ, ଡିୟୁଟି ଦେଉଥିବା ପ୍ରତ୍ୟେକ ବିଭାଗରେ ଥିବା ଅଫିସରଙ୍କର ପରମ କର୍ତ୍ତବ୍ୟ ଅଟେ ।

— — — — — — — — — — — — — — — — — — — —

**ଏହି ଦିନମାନଙ୍କରେ ଆପଣମାନଙ୍କୁ ବିଶେଷ ରୂପେ ଧୈର୍ଯ୍ୟ, ପରିଶ୍ରମ ଓ ଦୁଆକୁ ବିନିଯୋଗ କରନ୍ତୁ ।**

— — — — — — — — — — — — — — — — — — — —

ଆପଣମାନେ ଏପରି ଅତିଥି ସତ୍କାର ସାଜନ୍ତୁ ଯେ, ଆପଣମାନେ କଲ୍ୟାଣକୁ ଆକର୍ଷିତକାରୀ ବ୍ୟକ୍ତି ରୂପେ ବିବେଚିତ ହେବେ । ଆପଣମାନେ ଏପରି ଅତିଥି ସତ୍କାରକ ହୁଅନ୍ତୁ ନାହିଁ ଯେଉଁମାନେ ନିଜ ପରିବାରବର୍ଗଙ୍କ ନିମନ୍ତେ ସମସ୍ୟାର କାରଣ ହେବେ । ଆପଣମାନେ ଏମିତି ହୁଅନ୍ତୁ ଯେ, ଆପଣମାନେ ଅତିଥିମାନଙ୍କୁ ସମସ୍ୟାରୁ ଉଦ୍ଧାରକାରୀ ଅତିଥି ସତ୍କାରକ ସାଜିବେ ।

— — — — — — — — — — — — — — — — — — — —

**ଜଲସା ସାଲାନାରେ ସାମିଲ୍ ହେଉଥିବା ଅତିଥିମାନେ, ସ୍ୱେଚ୍ଛାସେବୀ କର୍ମୀବୃନ୍ଦମାନେ ସମସ୍ତେ ନିର୍ବିଶେଷରେ ଅହମଦି ଅଟନ୍ତି ଏବଂ ଆମ ସମସ୍ତଙ୍କର ଗୋଟିଏ ଅଭିପ୍ରାୟ ରହିଛି ଯେ, ଆମେମାନେ ଏଠାରେ ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସଙ୍କ ଶିକ୍ଷା ଓ ଇସଲାମ୍ ଧର୍ମର ଶିକ୍ଷାନୁଯାୟୀ ନିଜର ଆଧ୍ୟାତ୍ମିକ, ଚାରିତ୍ରିକ ଓ ଶୈକ୍ଷିକ ସଂଶୋଧନ କରିବୁ ।**

— — — — — — — — — — — — — — — — — — — —

ଆପଣାନେ ଏକଥା ସର୍ବଦା ମନେରଖନ୍ତୁ ଯେ, ଆପଣମାନେ ଜଲ୍‌ସା ସାଲାନାର ଯେଉଁ ଅଭିପ୍ରାୟ ରହିଛି ତାହାକୁ ପୂରଣ କରିବେ, ଜଲ୍‌ସା ସାଲାନାର କଲ୍ୟାଣକୁ ଆପଣ ସାଉଁଟିବେ । ସେହିପରି ଜଲ୍‌ସା ସାଲାନାର ଯେଉଁ କଲ୍ୟାଣ ରହିଛି, ଯେଉଁ ଅଭିପ୍ରାୟ ନିମନ୍ତେ ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ ଜଲ୍‌ସା ସାଲାନା  ଜାରି କରିଥିଲେ ତହିଁରୁ ଆପଣମାନେ ନିଜର ମୁଣି ପୂର୍ଣ୍ଣ କରିବା ନିମନ୍ତେ ଭରପୁର ଉଦ୍ୟମ କରନ୍ତୁ ।

— — — — — — — — — — — — — — — — — — — —

ଆମମାନଙ୍କୁ ବିଶେଷ ରୂପେ ଉକ୍ତ କଥାକୁ ସ୍ମରଣ ରଖିବା ଉଚିତ୍ ଯେ, ଆମମାନଙ୍କର ଅଭିପ୍ରାୟ ନିଜର ସଂଶୋଧନ କରିବା, ନିଜର ଧାର୍ମିକ ଜ୍ଞାନକୁ ବୃଦ୍ଧି କରିବା, ନିଜର ଆଧ୍ୟାତ୍ମିକ ଅବସ୍ଥାକୁ ଉତ୍ତମ ଏବଂ ଶୃଙ୍ଖଳିତ କରିବା ଅଟେ । ଏଥି ନିମନ୍ତେ ଆମେମାନେ ଭରପୁର୍ ଉଦ୍ୟମ କରିବା ଉଚିତ୍ ଓ ଚାରିତ୍ରିକ ରୂପେ ମଧ୍ୟ ଆମମାନଙ୍କୁ ନିଜର ଅବସ୍ଥାକୁ ଉନ୍ନତ ଏବଂ ବ୍ୟବସ୍ଥିତ କରିବାକୁ ହେବ ।

— — — — — — — — — — — — — — — — — — — —

**ଚଳିତ ବର୍ଷ ମଧ୍ୟ ବିଭିନ୍ନ ବିଭାଗର ପ୍ରଦର୍ଶନୀ ଏବଂ ଜ୍ଞାନଭିତ୍ତିକ ଓ ଶିକ୍ଷାରେ ଅଭିବୃଦ୍ଧିର ମାଧ୍ୟମ ଅତ୍ୟନ୍ତ ରୋଚକପୂର୍ଣ୍ଣ ଏବଂ ଆକର୍ଷଣୀୟ ରହିଛି । ଏହି ପ୍ରଦର୍ଶନୀକୁ ମଧ୍ୟ ଦେଖିବା ଉଚିତ୍ ।**

— — — — — — — — — — — — — — — — — — — —

ଜଲ୍‌ସା ସାଲାନା ବ୍ରିଟେନ୍ 2025 ଅବସରରେ ସମସ୍ତ ସ୍ୱେଚ୍ଛାସେବୀ କର୍ମୀ ଏବଂ ଅତିଥିମାନଙ୍କୁ ବହୁମୂଲ୍ୟ ଉପଦେଶ ।

— — — — — — — — — — — — — — — — — — — —

**25 July 2025 ମସିହା ଅନୁଯାୟୀ ୨୫ ୱଫା ଅନୁଯାୟୀ ୧୪୦୪ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّاكَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ ۔صِرَاطَ الَّذِيْنَ اَنْعَمْتَ عَلَيْهِمْ ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ, ଆଜି ସନ୍ଧ୍ୟାରୁ ଇନ୍‌ଶାଅଲ୍ଲାଃ ଜଲ୍‌ସା ସାଲାନା ବ୍ରିଟେନ୍‌ର ତିନି ଦିନିଆ ନିୟମିତ କାର୍ଯ୍ୟକ୍ରମ (ବାର୍ଷିକ ସମ୍ମିଳନୀ) ର ଶୁଭାରମ୍ଭ ହେଉଅଛି । ଯେପରିକି ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ କହିଛନ୍ତି ଯେ, ଏହି ଜଲ୍‌ସା ସାଲାନା ବିଶେଷ ମହତ୍ତ୍ୱର ଅଧିକାରୀ ଅଟେ । କାରଣ ଉକ୍ତ ଜଲ୍‌ସାରେ ଜମାଅତ୍‌ର ଶୈକ୍ଷିକ, ଚାରିତ୍ରିକ ଓ ଆଧ୍ୟାତ୍ମିକ ଅବସ୍ଥାର ଉନ୍ନତି ନିମନ୍ତେ ନାନା କାର୍ଯ୍ୟକ୍ରମ ଆୟୋଜନ ହୋଇଥାଏ । ଅଲ୍ଲାଃତାଲା ସମସ୍ତ ଅଂଶଗ୍ରହଣକାରୀଙ୍କୁ ଉକ୍ତ ଜଲ୍‌ସାରୁ ଭରପୁର ରୂପେ ଲାଭାନ୍ୱିତ ଏବଂ ଉପକୃତ ହେବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ବର୍ତ୍ତମାନ ମୁଁ ଜଲ୍‌ସାଲାରେ ଡ଼ିୟୁଟି ଦେଉଥିବା ସ୍ୱେଚ୍ଛାସେବୀ କର୍ମୀମାନଙ୍କୁ ଓ ଜଲ୍‌ସା ସାଲାନାରେ ଅଂଶଗ୍ରହଣ କରିଥିବା ଅତିଥିଙ୍କୁ ମୁଁ କିଛି କଥା କହିବି । ଇସ୍‌ଲାମ୍ ଧର୍ମରେ ଅତିଥିମାନଙ୍କର ଆଦର ସତ୍କାର କରିବାକୁ ବିଶେଷ ରୂପେ ତାଗିଦ୍ କରାଯାଇଛି । ଆଁହଜରତ ସ.ଅ ମଧ୍ୟ ଏଥି ନିମନ୍ତେ ତାଗିଦ୍ ମଧ୍ୟ କରିଛନ୍ତି । ଆପଣ ସ.ଅ କହିଲେ, **"ଅତିଥିମାନଙ୍କୁ ଯଥୋଚିତ ସମ୍ମାନ ଦିଅ ଏବଂ ସେମାନଙ୍କୁ ଯଥୋଚିତ ଅଧିକାର ପ୍ରଦାନ କର ଓ ସେମାନଙ୍କର ଆଦର ସତ୍କାର କର ।" (ମୁସ୍‌ଲିମ୍ କିତାବୁଲ୍ ଇମାନ୍, ବାବୁଲ୍ ହସ୍‌ସି ଅଲା ଇକ୍ରାମୁଲ୍ ଜାରି ୱଜ୍ ଜୈଫି.......ହଦିସ୍ ନଂ-47)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହି ଉଚିତ୍ ଅଧିକାର ଅନୁଯାୟୀ ଉକ୍ତ ଜଲ୍‌ସା ହେଉଛି କିଛି ଦିନର ଅତିଥି ସେବା ବା ଅତିଥି ସତ୍କାରକତା । ଆପଣ ସ.ଅଙ୍କ ଏହି ଉପଦେଶର ପ୍ରଭାବ ଥିଲା କି ସାହାବାମାନେ ବଳିଦାନ ଦେଇ ମଧ୍ୟ ଅତିଥି ସତ୍କାରକ (ଅତିଥି ସେବା) କରୁଥିଲେ । ସେତେବେଳେ ପ୍ରାରମ୍ଭିକ କାଳରେ ସାହାବାମାନଙ୍କର ସ୍ଥିତି ଏପରି ନଥିଲା ଯେ, ସେମାନେ ଆର୍ଥିକ ରୂପେ ସ୍ୱଚ୍ଛଳ ନଥିଲେ ଓ ସୁଖ ଶାନ୍ତିରେ ସେମାନେ ଦି ଓଳିର ଆହାର ମଧ୍ୟ ସେମାନଙ୍କୁ ମିଳୁ ନଥିଲା ।

ସେହି ସାହାବାମାନେ ନିଜର ଓ ନିଜ ସ୍ତ୍ରୀ ପିଲା ଛୁଆଙ୍କର ପେଟ କାଟି, ନିଜର ଅଧିକାରକୁ ପରିତ୍ୟାଗ କରି ଆଗ ଅତିଥିମାନଙ୍କର ଅତିଥି ସତ୍କାର କରୁଥିଲେ । ଏହି ଅତିଥି ସତ୍କାର ସଂକ୍ରାନ୍ତରେ ଜନୈକ (ଜଣେ) ସାହାବିଙ୍କର ଏକ ବିଖ୍ୟାତ ବର୍ଣ୍ଣନା ରହିଛି । ସେହି ବର୍ଣ୍ଣନାଟି ଏହିପରି ଯେ, ଜନୈକ ସାହାବି ଯାହାଙ୍କୁ ଆଁହଜରତ୍ ସ.ଅ ନିଜର ସାହାବିଙ୍କ ସହିତ ପ୍ରେରଣ କରିଥିଲେ ଏବଂ ସେହି ସାହାବି ଜଣକ ଯେତେବେଳେ ନିଜ ପତ୍ନିଙ୍କ ଠାରୁ ଏକଥା ଶୁଣିଲେ ଯେ, ତାଙ୍କ ଘରେ କେବଳ 5 ଜଣ ପିଲାଙ୍କ ପାଇଁ ସ୍ୱଳ୍ପ ପରିମାଣର ଖାଦ୍ୟ (ଆହାର) ରହିଛି । କିନ୍ତୁ ସେହି ସାହାବି ଜଣକ ଅତିଥିମାନଙ୍କ ସକାଶେ ପିଲାମାନଙ୍କୁ ଫୁସ୍‌ଲେଇ ଶୁଆଇଦେଲେ ଏବଂ ଅତିଥିଙ୍କୁ ଘରକୁ ଡାକି ଆଣିଲେ । ସେହି ଅତିଥି ସତ୍କାରକ ସ୍ୱୟଂ ମଧ୍ୟ ଶୋଇଗଲେ ଏବଂ ପିଲାମାନେ ମଧ୍ୟ ଭୋକିଲା ଶୋଇ ପଡ଼ିଲେ । ଅଲ୍ଲାଃତାଲା ସ୍ୱୟଂ ପ୍ରସନ୍ନ ହୋଇ ଉକ୍ତ କୃତ୍ୟକୁ ଏପରି ଉଚ୍ଚ ପ୍ରଶଂସା କଲେ ଯେ, ଆଁହଜରତ ସ.ଅଙ୍କୁ ମଧ୍ୟ ଏହି ଘଟଣା ସଂପର୍କରେ ସୂଚନା ପ୍ରଦାନ କରିଦେଲେ । **(ଅବଶିଷ୍ଟାଂଶ...ପରବର୍ତ୍ତୀ ପୃଷ୍ଠାରେ)**

## ପୃ-10ରେ ବର୍ଣ୍ଣିତ ଖୁତ୍‌ବା ଜୁମା 25-7-2025ର ଅବଶିଷ୍ଟାଂଶ....

ଅର୍ଥାତ୍ ଅଲ୍ଲାଃତାଲା ଆଁହଜରତ ସ.ଅଙ୍କୁ ଉକ୍ତ ଘଟଣା ସଂପର୍କରେ ଅବଗତ କଲେ । ଯେତେବେଳେ ପରବର୍ତ୍ତୀ ଦିନ ସେହି ସାହାବି ଜଣକ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ସେତେବେଳେ ଆପଣ ସ.ଅ କହିଲେ, ବସ ! ରାତିରେ ତୁମେ ନିଜର ଅତିଥିଙ୍କୁ ଯେଉଁ ଆହାର ଖୁଆଇ ଥିଲ ସେହି ଆହାର ଖୁଆଇବା ନିମନ୍ତେ ତୁମେ ଯେଉଁ ପନ୍ଥା ଅବଲମ୍ବନ କରିଥିଲ ତହିଁରୁ ଅଲ୍ଲାଃତାଲା ବେଶ୍ ପ୍ରସନ୍ନ ହୋଇଛନ୍ତି। ଅତଏବ୍ ଏ ହେଉଛି ଅତିଥି ସତ୍କାର କରିବା ଏବଂ ଅତିଥି ସତ୍କାରକର ମର୍ଯ୍ୟାଦା । **(ମୁସ୍‌ଲିମ୍ କିତାବୁଲ୍ ଅଶ୍ରିବତା, ବାବ୍-ଇକ୍ରାମୁଜ୍ ଜୈଫ୍ ଓ ଫଜଲି ଇସାରୁହୁ ହଦିସ୍ ନଂ-2054)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଜିକାଲି ଏହି ଦିନମାନଙ୍କରେ ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସଙ୍କର ଯେଉଁ ଅତିଥିମାନେ ଜଲସା ଶୁଣିବା ନିମନ୍ତେ ଆସୁଛନ୍ତି ସେହି ଅତିଥିମାନଙ୍କର ପ୍ରତ୍ୟେକ ଦୃଷ୍ଟିରୁ ସେବା ଏବଂ ଅତିଥି ସତ୍କାର କରିବା ପ୍ରତ୍ୟେକ ସ୍ୱେଚ୍ଛାସେବୀ କର୍ମୀବୃନ୍ଦ, ଡିୟୁଟି ଦେଉଥିବା ପ୍ରତ୍ୟେକ ବିଭାଗରେ ଥିବା ଅଫିସରଙ୍କର ପରମ କର୍ତ୍ତବ୍ୟ ଅଟେ । ଏହି ଦିନମାନଙ୍କରେ ଆପଣମାନଙ୍କୁ ବିଶେଷ ରୂପେ ଧୈର୍ଯ୍ୟ, ପରିଶ୍ରମ ଓ ଦୁଆକୁ ବିନିଯୋଗ କରନ୍ତୁ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅତିଥିମାନଙ୍କ ପକ୍ଷରୁ ଯଦି କୌଣସି କଟୁ ଭାଷା ଶୁଣନ୍ତି ତେବେ ସେପରିପ୍ରେକ୍ଷୀରେ ଆପଣମାନେ ସର୍ବୋଚ୍ଚ ଉତ୍ତମ ଚରିତ୍ରବତ୍ତା ପ୍ରଦର୍ଶନ କରି ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତି ସକେଶେ ଏହାକୁ ଅଣଦେଖା କରନ୍ତୁ । ଏଠାରେ ଅନେକ ବିଭାଗମାନ ରହିଛି । ଯେପରିକି ମୁଁ ବିଗତ ଖୁତ୍‌ବାରେ ମଧ୍ୟ ସଂକ୍ଷିପ୍ତ ବର୍ଣ୍ଣନା କରିଥିଲି ଯେ, ପ୍ରତ୍ୟେକ ବିଭାଗର ଅଫିସର ଏବଂ ସହାୟକ କର୍ମୀମାନେ ନିଜ ନିଜର ଦାୟିତ୍ୱକୁ ଉତ୍ତମ ଢଙ୍ଗରେ ଏବଂ ସହାସ୍ୟ ଓ ପ୍ରସନ୍ନତା ସହିତ ସମ୍ପାଦନ କରନ୍ତୁ । ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସଙ୍କର ମଧ୍ୟ ଏଥି ସଂକ୍ରାନ୍ତରେ ଅସଂଖ୍ୟ ଘଟଣାବଳୀମାନ ରହିଛି । ଆପଣ ଅ.ସ ବିଶେଷ ରୂପେ ଏହି ନିର୍ଦ୍ଦେଶ ତଥା ମାର୍ଗଦର୍ଶିକା ପ୍ରଦାନ କରିଥିଲେ ଯେ, ଅତିଥିମାନଙ୍କ ପ୍ରତି ଉତ୍ତମ ବ୍ୟବହାରେ ପ୍ରଦର୍ଶନ କରିବା ଉଚିତ୍ । ଆପଣ ଅ.ସଙ୍କ ମାର୍ଗଦର୍ଶିକା ଏବଂ ଘଟଣାବଳୀ ଆପଣ ସ.ଅଙ୍କ ଜୀବନୀ ପୁସ୍ତକମାନଙ୍କରେ ନାନା ଆକାରରେ ବିଭିନ୍ନ ସ୍ଥାନରେ ବର୍ଣ୍ଣିତ ହୋଇଅଛି । ସେହି ଘଟଣାବଳୀ ମଧ୍ୟରୁ ଆସାମରୁ ଆସିଥିବା ଜଣେ ଅତିଥିଙ୍କର ବିଖ୍ୟାତ ଘଟଣା ମଧ୍ୟ ରହିଛି । ଅର୍ଥାତ୍ ଆପଣ ଅ.ସ କିପରି ସେହି ଅତିଥିମାନଙ୍କର ଅତିଥି ସତ୍କାର କରିଥିଲେ ଓ ସେମାନଙ୍କର ଯତ୍ନ ନେଇଥିଲେ ? ଉକ୍ତ ଘଟଣାବଳୀକୁ ଯେତେବେଳେ ଆମେମାନେ ଶୁଣୁ ଓ ପାଠ କରୁ ସେତେବେଳେ ଆମମାନେ ତହିଁରୁ ଆସ୍ୱାଦିତ ଓ ଅନନ୍ଦିତ ହଇଥାଉ। ଅର୍ଥାତ୍ କିପରି ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ ସେମାନଙ୍କର ସେବା ଯତ୍ନ ଓ ସେବା ଶୃଶ୍ରୁଷା କରିଥିଲେ ? କିନ୍ତୁ ଏହି ଘଟଣାବଳୀ ସମସ୍ତ ସ୍ୱେଚ୍ଛାସେବୀ କର୍ମୀମାନେ, ସମସ୍ତ ଡିୟୁଟି ଦେଉଥିବା କର୍ମୀମାନଙ୍କ ନିମନ୍ତେ ଏକ ନୀତିଶିକ୍ଷା ଅଟେ । ଅର୍ଥାତ୍ ଯେଉଁମାନେ ପୁଣ୍ୟଶ୍ଲୋକ ହ.ମସିହ୍ ମଉଦ୍ ଅ.ସଙ୍କ ଅତିଥିମାନଙ୍କର ସେବା କରିବା ନିମନ୍ତେ ନିଜକୁ ଉପସ୍ଥାପିତ କରନ୍ତି ସେହି କର୍ମୀମାନଙ୍କ ନିମନ୍ତେ ଉକ୍ତ ଘଟଣାବଳୀ ଏକ ନୀତିଶିକ୍ଷା ଅଟେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଘଟଣାବଳୀ ଏହିପରି ବର୍ଣ୍ଣିତ ହୋଇଛି ଯେ, ଏକଦା ଆସାମରୁ କିଛି ଅତିଥିମାନେ ଆସିଲେ ଏବଂ ସେମାନେ ଯେତେବେଳେ ଲଙ୍ଗର୍ ଖାନାରେ ନିଜ ସବାରୀରୁ ଓହ୍ଲାଇଲେ ସେତେବେଳେ ସେହି ଅତିଥିମାନଙ୍କୁ କୁହାଗଲା କି ସେମାନେ ନିଜର ଜିନିଷ ପତ୍ର ନିଜେ ସବାରୀରୁ ଓହ୍ଲାନ୍ତୁ । ଅତଏବ୍ ଲଙ୍ଗରଖାନାରେ କାମ କରୁଥିବା କର୍ମଚାରୀମାନଙ୍କର ଆଚରଣ ସେହି ଅତିଥିମାନଙ୍କ ପ୍ରତି ଅପ୍ରିତୀକର ଥିଲା । ସେହି କାରଣରୁ ସେମାନେ ରୁଷ୍ଟ ହୋଇଗଲେ ଏବଂ ସେହି ଟାଙ୍ଗା (ଘୋଡ଼ାଗାଡ଼ି) ଉପରେ ବସି ସେମାନେ ଫେରିଗଲେ । ହ. ମସିହ୍ ମଉଦ୍ ଅ.ସଙ୍କୁ ଯେତେବେଳେ ଉକ୍ତ ଘଟଣା ସଂପର୍କରେ ସୂଚନା ମିଳିଲା ସେତେବେଳେ ଆପଣ ଅ.ସ ବହୁତ ଅସନ୍ତୋଷ ଏବଂ କ୍ଷୁବ୍ଧ ଭାବ ବ୍ୟକ୍ତ କଲେ । ଆପଣ ଅ.ସ କହିଲେ, ଏହି ପରିସ୍ଥିତି କାହିଁକି ସୃଷ୍ଟି ହେଲା ଯେ, ଅତିଥିମାନେ ନାରାଜ ହୋଇ ଫେରିଗଲେ ? ଆପଣ ଅ.ସ ତୁରନ୍ତ ଏହିପରି ଖାଲି ପାଦରେ ଘରୁ ବାହାରିଲେ । ଆପଣ ଅ.ସ ଠିକ୍ ସେ ଜୋତା ମଧ୍ୟ ପିନ୍ଧି ନଥିଲେ ଏବଂ ସେହି ଅତିଥିମାନଙ୍କ ପଛେ ପଛେ ଦ୍ରୁତ ଗତିରେ ଦଉଡ଼ି ଗଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବର୍ଣ୍ଣନାରେ ଏହା ଉଲ୍ଲେଖ ରହିଛି ଯେ, ହ. ମସିହ୍ ମଉଦ୍ ଅ.ସ କାଦିୟାନ୍ ନିକଟ ଦେଇ ଯାଉଥିବା ଏକ କେନାଲ୍ ପାଖରେ ପହଞ୍ଚି ସେହି ଅତିଥିମାନଙ୍କ ପର୍ଯ୍ୟନ୍ତ ପହଞ୍ଚିଗଲ ଏବଂ ସେମାନଙ୍କୁ ଅଟକାଇ ନେଲେ । ଏହାପରେ ଆପଣ ଅ.ସ ସେହି ଅତିଥିମାନଙ୍କୁ ଫେରାଇ ଆଣିଲେ । ଆପଣ ଅ.ସ ଯେଭଳି ଭାବରେ ସେହି ଅତିଥିମାନଙ୍କୁ ଫେରାଇ ପାଛୋଟି ଆଣିଥିଲେ ତହିଁରେ ମଧ୍ୟ ଅତିଥିମାନଙ୍କର ସମ୍ମାନ ଓ ସତ୍କାରକର ଏକ ବିଚିତ୍ର ଭାବାବେଗର ପରିପ୍ରକାଶ ନିହିତ ରହିଥିଲା । ଆପଣ ଅ.ସ ଅତିଥିମାନଙ୍କୁ କହିଲେ, ଆପଣମାନେ ଘୋଡ଼ାଗାଡ଼ି ଉପରେ ବସନ୍ତୁ ମୁଁ ଆପଣାନଙ୍କ ସହିତ ଚାଲି ଚାଲି ଯିବି । ସେ ଯାହା ହେଉ ନା କାହିଁକି ଆପଣ ଅ.ସଙ୍କ ଉକ୍ତ ବ୍ୟବହାର ତଥା ଆଚରଣକୁ ଦେଖି ଅତିଥିମାନେ ମଧ୍ୟ ଲଜ୍ଜିତ ହୋଇଗଲେ ଏବଂ କହିଲେ, ଆମେମାନେ ଘୋଡ଼ାଗାଡ଼ି ଉପରେ ବସି ଯାତ୍ରା କରିପାରିବୁ ନାହିଁ । ଆମେମାନେ ମଧ୍ୟ ଆପଣ ଅ.ସଙ୍କ ସହିତ ଚାଲି ଚାଲି ଯିବୁ । ସେହି ଅତିଥିମାନେ ବାରମ୍ବାର ଏହା କହୁଥିଲେ ଯେ, ହୁଜୁର ! ଆମେମାନେ ଘୋଡ଼ାଗାଡ଼ି ଉପରେ ବସିବୁ ନାହିଁ । ଆମେମାନେ ମଧ୍ୟ ଆପଣ ଅ.ସଙ୍କ ସହିତ ଚାଲି ଚାଲି ଯିବୁ । ସେ ଯାହା ହେଉ ସେହି ଅତିଥିମାନେ କାଦିୟାନ୍ ଫେରି ଆସିଲେ । ଲଙ୍ଗର୍ ଖାନାକୁ ଆସି ଆପଣ ଅ.ସ ସ୍ୱୟଂ ଅତିଥିମାନଙ୍କର ଜିନିଷ ପତ୍ର ଘୋଡ଼ାଗାଡ଼ିରୁ ଓହ୍ଲାଇବା ନିମନ୍ତେ ହାତ ଆଗକୁ ବଢାଇଲେ । କିନ୍ତୁ ଯେହେତୁ କର୍ମୀମାନେ ନିଜର ଭୁଲ୍ ବୁଝି ସାରିଥିଲେ ଏବଂ ସେମାନେ ଅତି ମାତ୍ରାରେ ଲଜ୍ଜିତ ଥିଲେ ସେଇଥି ପାଇଁ ସେମାନେ ତୁରନ୍ତ ଆଗକୁ ବଢ଼ି ଅତିଥିମାନଙ୍କର ଜିନିଷପତ୍ର ଓହ୍ଲାଇବା ଆରମ୍ଭ କରିଦେଲେ । ପୁନଶ୍ଚ ସେହି ଅତିଥିମାନଙ୍କର ଭୋଜନ ସଂପର୍କରେ ମଧ୍ୟ ଏକ ଘଟଣା ରହିଛି । ସେହି ଅତିଥିମାନେ ଆସାମର ଲୋକ (ଅଧିବାସୀ) ଥିଲେ ଏବଂ ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ ସେମାନଙ୍କ ନିମନ୍ତେ ବିଶେଷ ପ୍ରକାରର ଭୋଜନ ବ୍ୟବସ୍ଥା କରିଥିଲେ। **(ସିରତୁଲ୍ ମେହଦୀ, ଲେଖକ-ହ. ମିର୍ଜା ବଶୀର୍ ଅହମଦ ସାହେବ ଏମ୍.ଏ ର.ଅ, ଭାଗ-4, ପୃ-56-57, ବର୍ଣ୍ଣନା ସଂଖ୍ୟା-1069ରୁ ଉଦ୍ଧୃତ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ,ଏଠାରେ ମୁଁ ଏହା ମଧ୍ୟ ସ୍ପଷ୍ଟ କରିଦେବାକୁ ଚାହେଁ କି ଲଙ୍ଗର୍ ଖାନା ସଂପର୍କରେ ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସଙ୍କ ଯେଉଁଠି ନିର୍ଦ୍ଦେଶାବଳୀ ରହିଛି ଯେ, ଏପିର ଅତିଥିମାନଙ୍କର ଅତିଥି ସତ୍କାର କର, ସେଠାରେ ଏହି ଇଙ୍ଗିତ ମଧ୍ୟ ରହିଛି ଯେ, ଜଲ୍‌ସା ସମୟରେ ଗୋଟିଏ ପ୍ରକାରର ଖାଦ୍ୟ ରାନ୍ଧି ସମସ୍ତ ଅତିଥିମାନଙ୍କୁ ଖୁଆଇବା ଉଚିତ୍ । କାରଣ ଅତିଥିମାନେ ଅଧିକ ସଂଖ୍ୟକ ଥାଆନ୍ତି । ତେଣୁ ବିଭିନ୍ନ ପ୍ରକାରର ବ୍ୟବସ୍ଥା ଏବଂ ନାନା ବ୍ୟଞ୍ଜନର ଆୟୋଜନ କରିବା କଷ୍ଟସାଧ ହୋଇଥାଏ । **(ସିରତ୍ ହ. ମସିହ୍ ମଉଦ୍ ଅ.ସ, ଲେଖକ-ୟାକୁବ୍ ଅଲୀ ଇର୍ଫାନୀ ସାହେବ ର.ଅ, ପୃ-149)**

ଏହିପରି ଅତିଥି ସତ୍କାରକ ଆଉ ଏକ ଉଦାହରଣ ସଂକ୍ରାନ୍ତରେ ହ. ମୁଫ୍‌ତି ମୁହମ୍ମଦ୍ ସାଦିକ୍ ସାହେବ ର.ଅ ବର୍ଣ୍ଣନା କରନ୍ତି: "ମୋର ମନେଅଛି ଯେ, ଏକଦା ମୁଁ ଲାହୋରରୁ କାଦିୟାନ୍ ଆସିଥିଲି । ପ୍ରାୟ 1897-1898 ମସିହାର ଘଟଣା ହେବ। ହ. ସାହେବ ମୋତେ ମସ୍‌ଜିଦ୍‌ରେ ବସାଇଲେ । ସେହି ମସ୍‌ଜିଦ୍ ସେତେବେଳେ ବହୁତ ଛୋଟ ମସ୍‌ଜିଦ୍ ଥିଲା ଏବଂ ମସ୍‌ଜିଦ୍‌ରେ ଖୁବ୍ କମ୍ ଜାଗା ଥିଲା । ପରବର୍ତ୍ତୀ କାଳରେ ଉକ୍ତ ମସ୍‌ଜିଦ୍‌ର ସଂପ୍ରସାରଣ କରାଗଲା ଯଦ୍ଦ୍ୱାରା ମସ୍‌ଜିଦ୍ ଟିକେ ବଡ଼ ହେଲା। ଆପଣ ଅ.ସ କହିଲେ, ମୁଫ୍‌ତି ସାହେବ ଆପଣ ଏଠାରେ ବସନ୍ତୁ ! "ମୁଁ ଆପଣଙ୍କ ପାଇଁ ଆହାର ଆଣି ଦେଉଛି । ଏହା କହି ଆପଣ ଅ.ସ ଭିତରକୁ ଗଲେ।" ମୁଫ୍‌ତି ସାହେବ କୁହନ୍ତି: "ମୋର ଏହା ଧାରଣା ରହିଥିଲା କି ଆପଣ କୌଣସି ସେବକ ହାତରେ ଆହାର ପଠେଇ ଦେବେ । କିନ୍ତୁ କିଛି ମିନିଟ୍ ପରେ ଏକ ଝରକା ଖୋଲିଲା। ଏହି ଝରକା ମସ୍‌ଜିଦ୍ ଓ ଆପଣ ଅ.ସଙ୍କ ଘର ମଧ୍ୟରେ ଏକ କାନ୍ଥ ରହିଥିଲା ସେହି କାନ୍ଥରେ ଉକ୍ତ ଝରକାଟି ଅବସ୍ଥିତ ଥିଲା । ଝରକା ପରି ଏକ ଛୋଟିଆ କବାଟ ମଧ୍ୟ ଥିଲା । ମୁଁ ଦେଖିଲି ଯେ, ହ. ମସିହ୍ ମଉଦ୍ ଅ.ସ ସ୍ୱହସ୍ତରେ ଏକ ଆହାର ଥାଳୀ ଧରି ବା ଟ୍ରେ ଧରି ମୋ ପାଇଁ ଆହାର ନେଇ ଆସୁଛନ୍ତି । ମୋତେ ଦେଖି ହ. ମସିହ୍ ମଉଦ୍ ଅ.ସ କହିଲେ, ମହୋଦୟ ! ଆପଣ ଆହାର ଗ୍ରହଣ କରନ୍ତୁ। ମୁଁ ଟିକେ ପାଣି ନେଇ ଆସୁଛି। ମୁଫ୍‌ତି ସାହେବ କୁହନ୍ତି ଯେ, ସେତେବେଳେ ମୋ ମନଟା କୋହଭରା ହୋଇଗଲା ଏବଂ ମୋ ଆଖିରୁ ଲୁହ ଧାର ବହିବାକୁ ଲାଗିଲା । ଅପରପକ୍ଷେ ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ ଆମମାନଙ୍କର ଧର୍ମାଧ୍ୟକ୍ଷ ହୋଇ ଯଦି ନିଜର ଅତିଥିଙ୍କ ଓ ଆମ ପାଇଁ ସେବା କରି ପାରୁଛନ୍ତି ତେବେ ଆମମାନଙ୍କୁ ପରସ୍ପର ମଧ୍ୟରେ କିପରି ସେବା କରିବା ଉଚିତ୍ ତାହା ଆପଣମାନେ କଳନା କରିପାରିବେ ?"

**(ଜିକ୍ରେ ହବିବ୍, ଲେଖକ-ମୁଫ୍‌ତି ମୁହମ୍ମଦ୍ ସାଦିକ୍ ସାହେବ ର.ଅ, ପୃ-327)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହା ଏକ ଆଦର୍ଶ ଥିଲା ଏବଂ ହ. ମସିହ୍ ମଉଦ୍ ଅ.ସଙ୍କ ଜୀବନୀରେ ଆମମାନଙ୍କୁ ଅତିଥି ସତ୍କାରକର ଏପରି ଅନେକ ଘଟଣାବଳୀ ଦେଖିବାକୁ ମିଳେ ଯେ, ସେହି ଘଟଣାବଳୀକୁ ପଢି ଆମେମାନେ ଆଶ୍ଚର୍ଯ୍ୟଚକିତ ହୋଇ ଯାଇଥାଉ । ଏକଦା ହ. ମସିହ୍ ମଉଦ୍ ଅ.ସ ଲୋକମାନଙ୍କୁ କହିଲେ: " ମୁଁ ସବୁବେଳେ ଏଥିପାଇଁ ଚିନ୍ତିତ ରହିଥାଏ ଯେ, କୌଣସି ଅତିଥିଙ୍କୁ ଯେପରି କଷ୍ଟ ନହେଉ, ବରଂ ଏଥି ନିମନ୍ତେ ମୁଁ ସର୍ବଦା ଏହି ତାଗିଦ୍ କରୁଛି ଯେ, ଅତିଥିମାନଙ୍କୁ ଯଥାସମ୍ଭବ ଆରାମ୍ ପ୍ରଦାନ କରାଯାଉ । ଅତିଥିଙ୍କ ହୃଦୟ ଦର୍ପଣ ପରି ଅତି ଦୁର୍ବଳ ହୋଇଥାଏ । ସାମାନ୍ୟ ମାତ୍ର ଆଘାତ ଲାଗିବା ଦ୍ୱାରା ଦର୍ପଣଟି ଭାଙ୍ଗି ଯାଇଥାଏ। ଠିକ୍ ସେହିଭଳି ମନୁଷ୍ୟର ହୃଦୟକୁ ସମାନ୍ୟ ଆଘାତ୍ ଯେତେବେଳେ ଲାଗେ ସେତେବେଳେ ତାହା ଭାଙ୍ଗି ଯାଇଥାଏ ।"

**(ମଲଫୁଜାତ୍, ଭାଗ-5, ପୃ-111, ସଂସ୍କରଣ ବର୍ଷ-2022 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, "ହ. ମସିହ୍ ମଉଦ୍ ଅ.ସ ପୁନଶ୍ଚ କୁହନ୍ତି ଯେ, ବେଳେବେଳେ ଅତିଥିମାନେ ଅତ୍ୟନ୍ତ ଉତ୍‌କ୍ଷିପ୍ତ ଏବଂ ତ୍ୱରିତ ସ୍ୱଭାବର ଅଧିକାରୀ ହୋଇଥାଆନ୍ତି ।" ବିଶେଷ କରି ଯେପରିକି ମୁଁ **(ଅବଶିଷ୍ଟାଂଶ...ପରବର୍ତ୍ତୀ ପୃଷ୍ଠାରେ)**

### ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି:** كُوْنُوْا مَعَ الصّٰدِقِيْنَ

(ଅତ୍ ତୌବା :119)

**ଅନୁବାଦ:** ହେ ବିଶ୍ୱାସାକାରୀମାନେ ସତ୍ୟବାଦୀଙ୍କ ସହ ସାମିଲ୍ ହୁଅ ।

**ତାଲିବେ ଦୁଆ:** Amina Begum Saheba, W/o- Mianjan Khan, Jamat Ahmadiya Nargaon, Dist- Cuttack, (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 10 Thursday- 28 Aug 2025 Issue No. 35

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

## ପୃ-10ରେ ବର୍ଣ୍ଣିତ ଖୁତ୍‌ବା ଜୁମା 25-7-2025ର ଅବଶିଷ୍ଟାଂଶ....

ବର୍ତ୍ତମାନ ଆସାମ୍‌ର ଲୋକମାନଙ୍କର ଉଦାହରଣ ଦେଇଛି । ବିଭିନ୍ ଜାତି ଏବଂ ଲୋକମାନଙ୍କର ନାନା ପ୍ରଥା, ପରମ୍ପରା, **(ଅବଶିଷ୍ଟାଂଶ... ପରବର୍ତ୍ତୀ ସ୍ତମ୍ଭରେ)**

➔ ଚଳଣୀ ଓ ଅବସ୍ଥା ହୋଇଥାଏ । କେତେକ ଲୋକ ଶୀଘ୍ର ଉତ୍କ୍ଷିପ୍ତ ଏବଂ କ୍ରୋଧିତ ହୋଇଯାଆନ୍ତି ତ' ଆଉ କେତେକ ଲୋକ ଦେରିରେ । **(ଅବଶିଷ୍ଟାଂଶ..ପରବର୍ତ୍ତୀ ସଂଖ୍ୟାରେ)**

## କାଦିୟାନ୍ ସ୍ଥିତ ନୁର୍ ହସ୍ପିଟାଲ୍ ପାଇଁ ଜଣେ ସଫ୍‌ଟ୍‌ୱେୟାର୍ ଇଞ୍ଜିନିୟରର ଆବଶ୍ୟକତା ରହିଛି

**ଆବଶ୍ୟକୀୟ ସର୍ତ୍ତାବଳୀ/ଶିକ୍ଷାଗତ ଯୋଗ୍ୟତା/ ଅଭିଜ୍ଞତା**

(1) ପ୍ରାର୍ଥୀ ଜଣକ କମ୍ପ୍ୟୁଟର କ୍ଷେତ୍ରରେ ଅନ୍ତତଃ UG/PG ଡିଗ୍ରୀଧାରୀ ହୋଇଥିବା ଉଚିତ୍ ।

(2) ଜରୁରୀକାଳୀନ ପରିସ୍ଥିତିରେ କମ୍ପ୍ୟୁଟରର ସମସ୍ୟା ନିଜେ ସମାଧାନ କରିବା ନିମନ୍ତେ Coding and Syntax + Semanticsର ଭଲ ଭାବରେ ଜ୍ଞାନର ଅଧିକାରୀ ହୋଇଥିବା ଉଚିତ୍ ।

(3) Coding and Software Developmentରେ ଅନ୍ତତଃ ଦୁଇ ବର୍ଷ ଅଭିଜ୍ଞତା ଥିବା ଉଚିତ୍।

(4) ପ୍ରାର୍ଥୀର ବୟସ 30 ବର୍ଷରୁ ଉର୍ଦ୍ଧ୍ୱ ବୟସ ହୋଇ ନଥିବା ଉଚିତ୍ ।

(5) ପ୍ରାର୍ଥୀ ଜଣକ ସ୍ୱାସ୍ଥ୍ୟବାନ୍ ହେବା ଉଚିତ୍ । ପ୍ରାର୍ଥୀର ଧାର୍ମିକ ଏବଂ ଚାରିତ୍ରିକ ଅବସ୍ଥା ଉତ୍ତମ (ଭଲ) ହେବା ଉଚିତ୍ । ପ୍ରାର୍ଥୀ ଜଣକ ଶିଷ୍ଟ ଓ ସଭ୍ୟ ହୋଇଥିବା ଉଚିତ୍। ରୋଗୀମାନଙ୍କର ସେବା କରିବା ସହିତ ସେମାନଙ୍କ ପ୍ରତି କୋମଳ ବ୍ୟବହାର ପ୍ରଦର୍ଶ କରୁଥିବା ଉଚିତ୍ ।

**ଆବଶ୍ୟକୀୟ ନିର୍ଦ୍ଦେଶାବଳୀ:-**

(1) ସାପ୍ତାହିକ ବଦର୍‌ରେ ଉକ୍ତ ବିଜ୍ଞାପନ ପ୍ରକାଶିତ ହେବାର ଶେଷ ଘୋଷଣାର 2 ମାସ ମଧ୍ୟରେ ଯେଉଁ ଆବେଦନ କାର୍ଯ୍ୟାଳୟରେ ପ୍ରାପ୍ତ ହେବ ସେହି ଆବେଦନଗୁଡ଼ିକ ଉପରେ ହିଁ ବିଚାର କରାଯିବ ବା ବିଚାରକୁ ନିଆଯିବ ।

(2) ଇଚ୍ଛୁକ ପ୍ରାର୍ଥୀମାନେ ନିଜ ନିଜର ଆବେଦନ ପ୍ରକାଶିତ ଆବେଦନ ଫର୍ମ ପୂରଣ କରି ଜିଲ୍ଲା ଅମୀର୍/ସ୍ଥାନୀୟ ଅମୀର୍/ସଦର୍ ଜମାଅତ୍/ମୁବଲ୍ଲିଗ୍ ଇନ୍‌ଚାର୍ଜଙ୍କ ଦ୍ୱାରା ପୃଷ୍ଟିଗତ ଦସ୍ତଖତ ଏବଂ ମୋହର ସହିତ କାର୍ଯ୍ୟାଳୟକୁ ପ୍ରେରଣ କରନ୍ତୁ।

(3) ଇଣ୍ଟରଭ୍ୟୁ (ସାକ୍ଷାତ୍‌କାର)ରେ କୃତକାର୍ଯ୍ୟ ହେବା ସ୍ଥଳେ ପ୍ରାର୍ଥୀକୁ ନୁର୍ ହସ୍ପିଟାଲ୍ କାଦିୟାନଙ୍କ ଦ୍ୱାରା ଡାକ୍ତରୀ ପରୀକ୍ଷା କରାଇବାକୁ ପଡ଼ିବ । ଯେଉଁ ପ୍ରାର୍ଥୀ ନୁର୍ ହସ୍ପିଟାଲଙ୍କ ମେଡ଼ିକାଲ କର୍ତ୍ତୃପକ୍ଷ ବୋର୍ଡ଼ଙ୍କ ଅନୁଯାୟୀ ସୁସ୍ଥ ଏବଂ ସ୍ୱାସ୍ଥ୍ୟବାନ୍ ବିବେଚିତ ହେବେ କେବଳ ସେହି ପ୍ରାର୍ଥୀମାନେ ହିଁ ସେବା କରିବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ ।

(4) କାଦିୟାନ୍ ଯିବା ଆସିବା ନିମନ୍ତେ ବାଟ ଖର୍ଚ୍ଚ ଓ ମେଡ଼ିକାଲ୍ ସାର୍ଟିଫିକେଟର ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ।

(5) ଇଣ୍ଟରଭ୍ୟୁ ସମୟରେ ପ୍ରାର୍ଥୀକୁ ନିଜର ଶିକ୍ଷାଗତ ଯୋଗ୍ୟତାର ସମସ୍ତ ସାର୍ଟିଫିକେଟ୍ ନିଜ ସାଙ୍ଗରେ ଆଣିବା ଆବଶ୍ୟକ ଅଟେ।

**ନୋଟ୍:** ଇଣ୍ଟରଭ୍ୟୁର ତାରିଖ ସହିତ ପ୍ରାର୍ଥୀକୁ ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ ।

**ଅଧିକ ତଥ୍ୟ ଜାଣିବା ପାଇଁ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରନ୍ତୁ**

ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହମଦିୟା କାଦିୟାନ୍, ଗୁର୍ଦାସପୁର, ପଞ୍ଜାବ, ପିନ୍ କୋଡ଼-143516, ମୋବାଇଲ୍ ନଂ: 9682587713 ,9888232530, 9682627592
କାର୍ଯ୍ୟାଳୟ: 01872-501130
Email:diwan@qadian.in

☆--☆--☆

## କାଦିୟାନ୍ ସ୍ଥିତ ସୌନ୍ଦର୍ଯ୍ୟୀକରଣ ବିଭାଗରେ ମାଳି ସେବା କରିବାକୁ ଥିବା ଇଚ୍ଛୁକ ଓ ଆଗ୍ରହୀ ପ୍ରାର୍ଥୀମାନେ ଦୟାକାରି ଧ୍ୟାନ ଦିଅନ୍ତୁ

**ସର୍ତ୍ତାବଳୀ:**

(1) ପ୍ରାର୍ଥୀଙ୍କ ବୟସ 50 ବର୍ଷରୁ ଅଧିକ ହୋଇ ନଥିବ କି 18 ବର୍ଷରୁ କମ୍ ବୟସ ହୋଇ ନଥିବ ।

(2) ପ୍ରାର୍ଥୀଙ୍କର ଶିକ୍ଷାଗତ ଯୋଗ୍ୟତା ସଂପର୍କରେ କୌଣସି ସର୍ତ୍ତ ନାହିଁ ।

(3) ଜନ୍ମତିଥିର ପ୍ରମାଣ ସ୍ୱରୂପ କୌଣସି ସରକାରୀ ଅନୁଷ୍ଠାନ ଦ୍ୱାର ସ୍ୱୀକୃତ ପ୍ରାପ୍ତ ପ୍ରମାଣ ପତ୍ର ଗ୍ରହଣ ଯୋଗ୍ୟ ହେବ ।

(4) ଯେଉଁମାନେ ମର୍କଜ୍‌ର ନିଯୁକ୍ତି ସଂସ୍ଥାଙ୍କ ଦ୍ୱାରା ସାକ୍ଷାତ୍‌କାରରେ କୃତକାର୍ଯ୍ୟ ହେବେ ସେହି ପ୍ରାର୍ଥୀମାନେ ହିଁ ସେବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ । ମାଳି କାର୍ଯ୍ୟରେ ଅଭିଜ୍ଞ ଥିବା ପ୍ରାର୍ଥୀମାନଙ୍କୁ ଅଗ୍ରାଧିକାର ଦିଆଯିବ ।

(5) ଇଣ୍ଟରଭ୍ୟୁ (ସାକ୍ଷାତ୍‌କାର)ରେ କୃତକାର୍ଯ୍ୟ ହେବା ସ୍ଥଳେ ପ୍ରାର୍ଥୀକୁ ନୁର୍ ହସ୍ପିଟାଲ୍ କାଦିୟାନଙ୍କ ଦ୍ୱାରା ବ୍ୟକ୍ତିଗତ ଖର୍ଚ୍ଚରେ ଡାକ୍ତରୀ ପରୀକ୍ଷା ପାଇଁ (ଖର୍ଚ୍ଚ ପ୍ରାୟ- 2500/-ଟଙ୍କା) ଖର୍ଚ୍ଚ କରିବାକୁ ପଡ଼ିବ । ଯେଉଁ ପ୍ରାର୍ଥୀ ନୁର୍ ହସ୍ପିଟାଲଙ୍କ ମେଡ଼ିକାଲ କର୍ତ୍ତୃପକ୍ଷ ବୋର୍ଡ଼ଙ୍କ ଅନୁଯାୟୀ ସୁସ୍ଥ ଏବଂ ସ୍ୱାସ୍ଥ୍ୟବାନ୍ ବିବେଚିତ ହେବେ ସେହି ପ୍ରାର୍ଥୀମାନେ ହିଁ ସେବା କରିବା ନିମନ୍ତେ ଯୋଗ୍ୟ ହେବେ ।

(6) ସିଲେକ୍‌ସନ୍ (ପ୍ରାର୍ଥୀ ଚୟନ) ହେବା ସ୍ଥଳେ ପ୍ରାର୍ଥୀକୁ କାଦିୟାନ୍‌ରେ ନିଜର ରହଣୀର ବ୍ୟବସ୍ଥା ନିଜେ କରିବାକୁ ପଡ଼ିବ ।

(7) କାଦିୟାନ୍ ଯିବା ଆସିବା ନିମନ୍ତେ ବାଟ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ।

(8) ଉକ୍ତ ଘୋଷଣାର 2 ମାସ ମଧ୍ୟରେ ଯେଉଁ ଆବେଦନ କାର୍ଯ୍ୟାଳୟରେ ପ୍ରାପ୍ତ ହେବ ସେହି ଆବେଦନଗୁଡ଼ିକ ଉପରେ ହିଁ ବିଚାର କରାଯିବ ବା ବିଚାରକୁ ନିଆଯିବ ।

**ନୋଟ୍:** ଇଣ୍ଟରଭ୍ୟୁର ତାରିଖ ସହିତ ପ୍ରାର୍ଥୀକୁ ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ ।

**ଅଧିକ ତଥ୍ୟ ଜାଣିବା ପାଇଁ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରନ୍ତୁ**

ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହମଦିୟା କାଦିୟାନ୍, ଗୁର୍ଦାସପୁର, ପଞ୍ଜାବ, ପିନ୍ କୋଡ଼-143516, ମୋବାଇଲ୍ ନଂ:9888232530, 9682627592
କାର୍ଯ୍ୟାଳୟ: 01872-501130
Email:diwan@qadian.in

☆--☆--☆

## 2025 ମସିହାରେ ଅନୁଷ୍ଠିତ ହେବାକୁ ଥିବା ଜୈଲି ତନ୍‌ଜିମାତ୍ (ଜମାଅତ୍ ଅଧୀନସ୍ଥ ଗୋଷ୍ଠୀ ଯଥା ଖୁଦାମ୍, ଅନ୍‌ସାର୍ ଓ ଲଜ୍‌ନା ଇମାଇଲ୍ଲାଃ)ଙ୍କର ବାର୍ଷିକ ଇଜ୍‌ତିମା

ଚଳିତ ବର୍ଷ ସୟେଦିନା ହୁଜୁର ଅନ୍‌ୱର୍ ଅ.ବ ତିନି ଅଧୀନସ୍ଥ ଗୋଷ୍ଠୀ ଯଥା- ମଜ୍‌ଲିସ୍ ଖୁଦାମୁଲ୍ ଅହମଦିୟା ଭାରତ, ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ ଭାରତ ଓ ମଜ୍‌ଲିସ୍ ଲଜ୍‌ନା ଇମାଇଲ୍ଲାଃ ଭାରତଙ୍କ କାଦିୟାନ୍ ଦାରୁଲ୍ ଅମାନ୍ ଠାରେ ବାର୍ଷିକ ମର୍କଜି ଇଜ୍‌ତିମା ନିମନ୍ତେ ପ୍ରଦତ୍ତ 2025 ମସିହା ଅକ୍ଟୋବର ମାସ 24, 25, 26 ତାରିଖ, ଶୁକ୍ରବାର, ଶନିବାର ଓ ରବିବାରର ତାରିଖ ଦୟାବସ୍ଥଳ ରୂପେ ଅନୁମୋଦନ କରି ସ୍ୱୀକୃତି ପ୍ରଦାନ କରିଛନ୍ତି । ଜମାଅତ୍‌ର ସଦସ୍ୟବୃନ୍ଦମାନଙ୍କୁ ଅନୁରୋଧ କି ସେମାନେ ଉପରୋକ୍ତ ତାରିଖ ଅନୁଯାୟୀ ଇଜ୍‌ତିମାରେ ସାମିଲ୍ ହେବା ନିମନ୍ତେ ଯଥାସମ୍ଭବ ଉଦ୍ୟମ କରନ୍ତୁ । **(ସଦର୍ ମଜ୍‌ଲିସ୍ ଖୁଦାମୁଲ୍ ଅହମଦିୟା)**

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** أَلَيْسَ اللّٰهُ بِكَافٍ عَبْدَهٗ
**(ଅଳ୍ କୁମର: 36)**

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

**(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )**

**ତାଲିବେ ଦୁଆ:** Shenaz Begum, W/o- Sheikh Ghulam Ahmed & Family, Jamat Ahmadiya Bhadrak (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan